ଚଳିତ ବର୍ଷ +୩ କଳାରେ ୯୭.୪ ଶତକଡା, ବିଜ୍ଞାନରେ ୯୪.୩ଶତକଡା ବାଣିଜ୍ୟରେ ୮୬.୮ଶତକଡା ପାସ ହାର ରହିଥିବା ବେଳେ ବୃତ୍ତିଗତ ଶିକ୍ଷାରେ ୮୮.୪ଶତକଡା ଓ ପିଜିରେ ୧୦୦ଶତକଡା ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି । କଳାରେ ସମାଜ ବିଜ୍ଞାନ ଛାତ୍ରୀ ଜ୍ୟୋତ୍ସ୍ନା ସାହାଣୀ (୯୦.୩୫ଶତକଡା), ବିଜ୍ଞାନରେ ଗଣିତ ବିଭାଗର ଛାତ୍ର ସୌମ୍ୟ ରଞ୍ଜନ ଜେନା (୯୦.୮୫ଶତକଡା) ଓ ବାଣିଜ୍ୟରେ ସୋନାଲି ପ୍ରିୟଦର୍ଶିନୀ ରାଉତ (୮୦.୬୩ଶତକଡା) ଟପ୍ପର ହୋଇଛନ୍ତି । ବୃତ୍ତିଗତ ଶିକ୍ଷାରେ ରାମ ନାରାୟଣ ମଲିକ, ଆରଏମ୍‌ରେ ଛାତ୍ରୀ ହରପ୍ରିୟା ନାୟକ ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ସେହିପରି ପିଜି (ସ୍ନାତକୋତ୍ତର) ଶିକ୍ଷାର ବାଣିଜ୍ୟ ବିଭାଗର ଛାତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ଓ ଶିକ୍ଷା ସ୍ନାତକୋତ୍ତର ଛାତ୍ରୀ ଶୁଭଶ୍ରୀ ଜେନା ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଚଳିତ ବର୍ଷ ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ଭାବେ ଗଣିତ ବିଭାଗର ଛାତ୍ର ସୌମ୍ୟ ରଞ୍ଜନ ଜେନା ଯୋଗ୍ୟତା ଅର୍ଜନ କରିଛନ୍ତି । ଚଳିତ ବର୍ଷ ନୃତତ୍ୱ ବିଭାଗର ଜ୍ୟୋତି ପ୍ରକାଶ ନାୟକ, ଅର୍ଥନୀତି ବିଭାଗରେ ଶୁଭ୍ରାଂଶୁ ମହାରଣା, ଶିକ୍ଷାରେ ଅର୍ଚ୍ଚନା ରାଉତ, ଇଂଲିଶରେ ଐଶ୍ୱର୍ଯ୍ୟା ସ୍ମୃତିରଶ୍ମୀ ନାଥ, ଇତିହାସରେ ଦୀପ୍ତିମୟୀ ରାଉତ, ଓଡ଼ିଆ ଭାଷା ସାହିତ୍ୟରେ ସୋନାଲିକା ବେହେରା, ରାଜନୀତି ବିଜ୍ଞାନରେ ରବୀନ୍ଦ୍ର କୁମାର ତ୍ରିପାଠୀ, ସଂସ୍କୃତରେ ମନୋଜ କୁମାର ରାଉତ, ସମାଜ ବିଜ୍ଞାନରେ ଜ୍ୟୋତ୍ସ୍ନା ସାହାଣୀ, ଉଦ୍ଭିଦ ବିଜ୍ଞାନରେ ଅମ୍ରିତା ଜେନା, ରସାୟନ ବିଜ୍ଞାନରେ ଶୁଭସ୍ମିତା ମହାନ୍ତି, ଭୂତତ୍ତ୍ୱ ବିଭାଗରେ ଶୁଭଶ୍ରୀ ଆଚାର୍ଯ୍ୟ, ଗଣିତରେ ସୌମ୍ୟ ରଞ୍ଜନ ଜେନା, ପଦାର୍ଥ ବିଜ୍ଞାନରେ ସଂଗ୍ରାମ ମହାନ୍ତି, ପ୍ରାଣୀ ବିଜ୍ଞାନରେ ସୁବାସ କୁମାର ସାହୁ, ଓ ବାଣିଜ୍ୟରେ ସୋନାଲି ପ୍ରିୟଦର୍ଶନୀ ରାଉତ ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଉପସ୍ଥିତ ଥିବା ସମସ୍ତ ଅଧାପକ,ଅଧାପିକା କର୍ମଚାରୀ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶେଷରେ ଉପ ପରୀକ୍ଷା ନିୟନ୍ତ୍ରକ ସତ୍ୟ ପ୍ରକାଶ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବରିଷ୍ଠ ନାଗରିକଙ୍କୁ ବ୍ୟାଙ୍କରେ ତାଲା ପକାଇ ସାଇରନ ବଜାଇଲେ ମ୍ୟାନେଜର

ଧର୍ମଶାଳା,୨।୬(ବଟକୃଷ୍ଣ ପରିଡ଼ା):

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ଷ୍ଟେଟବ୍ୟାଙ୍କକୁ ଆସିଥିବା କଲଣ ଗ୍ରାମର ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଜଗବନ୍ଧୁ ଓଝା ଓ ତାଙ୍କ ସ୍ତ୍ରୀଙ୍କ ସହିତ ବ୍ୟାଙ୍କ ମ୍ୟାନେଜର ଓ କର୍ମଚାରୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ପରିସ୍ଥିତି ଏପରି ହୋଇଥିଲା ଯେ, ଏହି ଦମ୍ପତି ବ୍ୟାଙ୍କ ଭିତରେ ଅସୁସ୍ଥ ହୋଇପଡ଼ିଥିଲେ । ଏହି ସମୟରେ ଖବରଦାତା ବିନୋଦ ବିହାରୀ ସାହୁ ବ୍ୟାଙ୍କରେ ଉପସ୍ଥିତ ଥିଲେ । ଏପରି ଘଟଣା ଦେଖି ସେହି ଦମ୍ପତିଙ୍କୁ ସାନ୍ତ୍ୱନା ଦେବା ସହିତ ଘଟଣା ସମ୍ପର୍କରେ ବୁଝାଶୁଝା କରିଥିଲେ । ହେଲେ ବ୍ୟାଙ୍କ ମ୍ୟାନେଜର ସସ୍ମିତା ମଲିକଙ୍କ ନିର୍ଦ୍ଦେଶରେ ସିକ୍ୟୁରିଟି ଗାର୍ଡ ବ୍ୟାଙ୍କ ଫାଟକରେ ତାଲା ପକାଇ ସାଇରନ ବଜାଇ ଥିଲେ । ଫଳରେ ବ୍ୟାଙ୍କରେ ଉପସ୍ଥିତ ଥିବା ଗ୍ରାହକ ଓ ନିକଟସ୍ଥ ସମସ୍ତ ଦୋକାନୀ ଭୟଭୀତ ହୋଇପଡିଥିଲେ । ସାଇରନ ଦୀର୍ଘ ସମୟ ବାଜିବାରୁ ବ୍ୟାଙ୍କ ଭିତରେ ଥିବା ଓଝାଙ୍କ ସ୍ତ୍ରୀଙ୍କ ମୁଣ୍ଡ ବୁଲାଇଥିଲା । ସେ ସେଠାରେ ବାନ୍ତି କରିଥିଲେ । ଖବରଦାତା ସାହୁ ମ୍ୟାନେଜରଙ୍କୁ ସାଇରନ ବନ୍ଦ କରିବା ପାଇଁ କହିବାରୁ ଅଧଘଣ୍ଟା ପରେ ସାଇରନ ବନ୍ଦ କରାଯିବ ବୋଲି ସେ କହିଲେ । ଏହାର କିଛି ସମୟ ପରେ ଧର୍ମଶାଳା ପ୍ରେସକ୍ଲବର ସମସ୍ତ ଖବରଦାତା ଓ ପୋଲିସ ପହଞ୍ଚିବା ପରେ ଗେଟ୍ ଖୋଲା ଯିବା ସହିତ ସାଇରନ ବନ୍ଦ କରାଯାଇଥିଲା । ତୁରନ୍ତ ଅସୁସ୍ଥ ମହିଳାଙ୍କୁ ମେଡିକାଲ ନିଆଯାଇଥିଲା । ଖବରଦାତା ସାହୁଙ୍କୁ ବ୍ୟାଙ୍କରୁ ବାହାରକୁ ଅଣାଯାଇଥିଲା ।

ସୂଚନା ଅନୁଯାୟୀ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଓଝା ଓ ତାଙ୍କ ସ୍ତ୍ରୀଙ୍କୁ ଇକେୱାଇସି ଅପ୍‌ଡେଟ ପାଇଁ ମ୍ୟାସେଜ ହୋଇଥିଲା । ଏଥିପାଇଁ ଓଝା ଗତ ୪ ମାସ ହେବ ବ୍ୟାଙ୍କଙ୍କୁ ଦୌଡ଼ି ନିରାଶ ହୋଇ ଫେରୁଥିଲେ । ସୋମବାର ସେ ସ୍ତ୍ରୀଙ୍କୁ ସାଙ୍ଗରେ ଧରି ବ୍ୟାଙ୍କକୁ ଆସିଥିଲେ । ବ୍ୟାଙ୍କ ଉପର ମହଲାରେ ହୋଇଥିବାରୁ ସ୍ତ୍ରୀଙ୍କ ଆଣ୍ଠୁର ସମସ୍ୟା ଥିବାରୁ ସେ ଉପରକୁ ଶିଡ଼ି ଚଢି ଯାଇ ପାରିବେ ନାହିଁ ବୋଲି କହିଥିଲେ । ଏଥିପାଇଁ ସେ ଡାକ୍ତରଙ୍କ ଚିଠା ମ୍ୟାନେଜରକୁ ଦେଖାଇ ଥିଲେ । ହେଲେ ମ୍ୟାନେଜର ତାଙ୍କ ସହିତ ଖରାପ ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ପାସ୍‌ବୁକରେ ଫଟୋ ନ ଥିବାରୁ ସିକ୍ୟୁରିଟି ଗାର୍ଡ ଓଝାଙ୍କୁ ରୁକ୍ଷ ବ୍ୟବହାର କରିଥିଲେ । ଏହି ଘଟଣାକୁ ନେଇ ଓଝା ଥାନାରେ ଅଭିଯୋଗ କରିଛନ୍ତି ।

ଏ ସଂକ୍ରାନ୍ତରେ ବ୍ୟାଙ୍କ ମ୍ୟାନେଜର ମଲିକଙ୍କ ସହିତ ଫୋନ୍‌ରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ ।

# ବାଲି ବୋଝେଇ ୨ ଟ୍ରାକ୍ଟର ଜବତ, ଜଣେ ଗିରଫ



ଜବତ ହୋଇଥିବା ଟ୍ରାକ୍ଟର ।

ଚଣ୍ଡିଖୋଲ,୨।୬(ପ୍ରଦୀପ୍ତ କୁମାର ପୃଷ୍ଟି):

ବେଆଇନ ଭାବେ ଖନନ କରି ବାଲି ଚୋରା ଚାଲାଣ କରିବା ଅଭିଯୋଗରେ ବାଲିଚନ୍ଦ୍ରପୁର ପୋଲିସ ୨ଟ୍ରାକ୍ଟର ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାୟୀ ଦର୍ପଣ ତହସିଲ ଅନ୍ତର୍ଗତ ବାଲିକୁଦାଠାରେ ବେଆଇନ ବାଲି ଚୋରାଚାଲାଣ କରୁଥିବା ଅଭିଯୋଗରେ ବାଲିଚନ୍ଦ୍ରପୁର ପୋଲିସ ୨ ବାଲି ବୋଝେଇ ଟ୍ରାକ୍ଟରକୁ ସୋମବାର ସକାଳେ ଜବତ କରିଛି । ଗୋଟିଏ ଟ୍ରାକ୍ଟରର ନଂ.ଓଡି୦୪ ୭୩୮୫ହୋଇଥିବା ବେଳେ ଅନ୍ୟ ଟ୍ରାକ୍ଟରର ନମ୍ବର ନାହିଁ । ଏହି ଚୋରା ଚାଲାଣ ଅଭିଯୋଗରେ ବାଲିକୁଦା ଗ୍ରାମର ମନୋଜ କୁମାର ଦଳେଇଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଏ ନେଇ ଏକ ମାମଲା(ନଂ.୧୪୯/୨୫)ରୁଜୁ ହୋଇଛି । ସେହିଭଳି ଅନ୍ୟ ଟ୍ରାକ୍ଟର ଡ୍ରାଇଭର ନାବାଳକ ହୋଇଥିବାରୁ ତାକୁ ଥାନାରୁ ଜାମିନରେ ଛଡ଼ା ଯାଇଛି । ତେବେ ସେହି ଟ୍ରାକ୍ଟର ମାଲିକଙ୍କ ନାମରେ ଏକ ମାମଲା(ନଂ.୧୫୦/୨୫) ରୁଜୁ ହୋଇଥିବା ଥାନା ଅଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି ।

# ଡକାୟତି ପାଇଁ ପ୍ରସ୍ତୁତ ବେଳେ ୩ ଗିରଫ




ଗିରଫ ହୋଇଥିବା ୩ ଯୁବକଙ୍କୁ ପୋଲିସ ଖବରଦାତା ସମ୍ମିଳନୀରେ ଉପସ୍ଥାପନ କରିଛି ।

■ ୩ ଡକାୟତ ଫେରାର
■ ମାରଣାସ୍ତ୍ର, ଲଙ୍କାଗୁଣ୍ଡ ଜବତ

ଯାଜପୁରଟାଉନ,୨।୬ (ପ୍ରଜ୍ଞା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ସହରରେ ଗତ ରବିବାର ମଧ୍ୟରାତିରେ କେତେଜଣ ଯୁବକ ଡକାୟତ ପାଇଁ ଯୋଜନା କରୁଥିଲେ । କୌଣସି ବିଶେଷ ସୂତ୍ରରୁ ଯାଜପୁର ପୋଲିସ ଏ ସଂକ୍ରାନ୍ତରେ ଖବର ପାଇ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି । ୩ଜଣ ଫେରାର ହୋଇଯାଇଛନ୍ତି । ସୋମବାର ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ପୋଲିସ ସୂଚନା ଦେଇଛି ।

ରବିବାର ବିଳମ୍ବିତ ରାତିରେ ଯାଜପୁର ପୌରାଞ୍ଚଳ ମହାବୀର ଛକସ୍ଥିତ ପୂର୍ଣ୍ଣିମା ଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାର୍ଶ୍ୱରେ ଥିବା ପଡ଼ିଆରେ ୬ଜଣ ଡକାୟତ କୁଆଁସରପୁରରେ ଡକାୟତ କରିବା ପାଇଁ ଯୋଜନା କରୁଥିଲେ । ଏହି ଖବର ଯାଜପୁର ପୋଲିସକୁ କୌଣସି ସୂତ୍ରରୁ ମିଳିଥିଲା । ସେଦିନ ରାତିରେ ପାଟ୍ରୋଲିଂ କରୁଥିବା ଏସ୍‌ଆଇ ସୌରଭ କୁମାର ମାଝୀ ସଦଳବଳେ ସେଠାରେ ଚଢ଼ାଉ କରିଥିଲେ । ହେଲେ ଅନ୍ଧାରର ସୁଯୋଗ ନେଇ ୩ ଡକାୟତ ଫେରାର ହୋଇଯାଇଥିଲେ । ଅନ୍ୟ ୩ଜଣଙ୍କୁ ପୋଲିସ କାବୁ କରିବାରେ ସଫଳ ହୋଇଥିଲା । ଗିରଫ ୩ ଡକାୟତ ହେଲେ ଦଶରଥପୁର ବ୍ଲକ ବିରଜାପୁରର ନାଭିଦିତ୍ୟ ଦାସ ଓରଫ ଶିବାନ ଦାସ, ଆଲୋକ ଦାସ, ପ୍ରଶାନ୍ତ ଦାସ । ଏହି ଡକାୟତ ଦଳ ଯାଜପୁର ଜିଲା ସମେତ ଅନ୍ୟ ଜିଲାରେ ଡକାୟତ କରୁଥିବା ପୋଲିସ ପ୍ରାଥମିକ ତଦନ୍ତ ବେଳେ ସୂଚନା ପାଇଛି । ଗିରଫ ଡକାୟତମାନଙ୍କଠାରୁ ଝରକା ଓ କବାଟ ତାଡ଼ିବା ପାଇଁ ବ୍ୟବହାର କରାଯାଉଥିବା ଲୁହାରଡ଼, କତା, ଲଙ୍କାଗୁଣ୍ଡ ଓ ଅନ୍ୟ ମାରଣାସ୍ତ୍ର ଓ ଏକ ବାଇକକୁ ପୋଲିସ ଜବତ କରିଛି । ଏ ସଂକ୍ରାନ୍ତରେ ଯାଜପୁର ଟାଉନ ଥାନାରେ ଏକ ମାମଲା(ନଂ.୨୬୩/୨୫) ରୁଜୁ କରାଯାଇଛି । ସମସ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଫେରାର ଥିବା ଅନ୍ୟ ୩ ଡକାୟତଙ୍କୁ ଚିହ୍ନଟ ସରିଛି । ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ମାଝୀ ସୂଚନା ଦେଇଛନ୍ତି ।

# ପୃଥକ ଦୁର୍ଘଟଣାରେ ୩ ମୃତ

କେନ୍ଦୁଝର/ ପାଟଣା,୨।୬(ନରେଶ ଚନ୍ଦ୍ର ପଟ୍ଟନାୟକ/ବୀରକିଶୋର ଦାଶ):

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ସାନଘାଗରା ନିକଟରେ ଏକ ବାଇକ ଦୁର୍ଘଟଣାରେ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ କେନ୍ଦୁଝର ସହର ବଣିଆପାଟର ମନୋଜ ନାୟକ(୨୮) । ମାଇନିଂ ରୋଡ୍‌ର ଜଗନ୍ନାଥ ସାହୁ (୨୮) ଗୁରୁତର ହୋଇଛନ୍ତି । ଉଭୟ ସାନଘାଗରାରୁ ଭୋଜି ସାରି ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା । ସେହିପରି ଟାଉନ ଥାନା ଅନ୍ତର୍ଗତ କେନ୍ଦୁଝର ସହର କାଶିପୁର ନିକଟରେ ସଡ଼କ ଦୁର୍ଘଟଣାରେ ବଡ଼ବିଲର ଜୀତେନ୍ଦ୍ର ମହାନ୍ତ (୨୮)ଙ୍କ ମୃତ୍ୟୁ ଘଟିଛି । ସେ କେନ୍ଦୁଝର ସହରରେ ଏକ ମେଡିସିନ ଦୋକାନରେ କାମ କରୁଥିଲେ । ସକାଳେ ରୁମ୍‌କୁ ଯିବାକୁ ରାସ୍ତା ପାର ହେଉଥିବା ବେଳେ ଏକ ଗାଡ଼ି ଧକ୍କା ଦେଇଥିଲା । ସେ ତଳେ ପଡ଼ିଯିବା ପରେ ଏକ ଟ୍ରାକ୍ଟର ଚାପି ଦେଇଥିଲା ।

ସେହିପରି ପାଟଣା ବ୍ଲକ୍ ବାଉଁଶୁଳି ଉଖୁଣ୍ଡା ରାସ୍ତା ରବାଉଁଶୁଳୀ ଗାଁ ନିକଟରେ ସୋମବାର ଅପରାହ୍ନରେ ୪ଟା ସମୟରେ ଏକ ଦୁର୍ଘଟଣା ଘଟିଛି । ବାଇକ୍ ଭାରସାମ୍ୟ ହରାଇ ପୋଖରୀ ଭିତରକୁ ପଶିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି । ମୃତକ ଜଣକ ବାରିଆ ଥାନା କଳିଙ୍ଗା ଗ୍ରାମର ରବି ମୁଣ୍ଡା । ଗୁରୁତର ଲେପା ମୁଣ୍ଡା ଓ ଘନ ମୁଣ୍ଡା । ଗୁରୁତର ଦ୍ୱୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ପରିଥିଲେ ।

# ସଡ଼କ ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ

ଯୋଡ଼ା,୨।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ଜୁରୁଡ଼ି ଓଏମ୍‌ସି ଗେଟ ସମ୍ମୁଖରେ ରବିବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟର ଶିବ କୁମାର ସିଂ(୩୫) । ସେ ଟ୍ରକ୍ (ନଂ. ଓଡ଼ି ୦୯ ଯୁ ୮୧୪୦)ଜୁରୁଡ଼ି ଓଏମ୍‌ସି ଗେଟ୍ ସମ୍ମୁଖରେ ରାତି ପ୍ରାୟ ୯ଟା ୩୦ରେ ଠିଆ କରି ତଳକୁ ଓହ୍ଲାଇ ରାସ୍ତା ଅତିକ୍ରମ କରୁଥିଲେ । ଏହି ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣା ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଥିବା ଆଇଆଇସି ଯସକେତନ ଭୋଇ ସୂଚନା ଦେଇଛନ୍ତି ।

# ମାଟ୍ରିକ୍ କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

ଯାଜପୁର,୨।୬(ହର୍ଷବର୍ଦ୍ଧନ ବେହେରା)

ବ୍ୟାସନଗରସ୍ଥିତ ମୁଣ୍ଡୋମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୦ମ ବୋର୍ଡ ପରୀକ୍ଷାରେ ସଫଳତା ପାଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି । ଅନୁଷ୍ଠାନର ସଭାପତି ବିଜୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୯୦%ରୁ ଅଧିକ ମାର୍କ ରଖି କୃତକାର୍ଯ୍ୟ ହୋଇଥିବା ୪ ଜଣ ଛାତ୍ରୀଛାତ୍ରଙ୍କ ସମେତ ସେମାନଙ୍କ ଅଭିଭାବକମାନଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଛି । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତ୍ରିଲୋଚନ ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ରଜତ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିଲେ । ପୂର୍ବତନ ସମ୍ପାଦକ ଦିଲୀପ କୁମାର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଜୀବନ ଓ ଜୀବିକା ସମ୍ପର୍କରେ ମର୍ମସ୍ପର୍ଶୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରୀଛାତ୍ରମାନେ ସେମାନଙ୍କ ଅନୁଭୂତି କଥନରେ ବିଦ୍ୟାଳୟର ପ୍ରଶଂସା କରିଥିଲେ । ବିଦ୍ୟାଳୟର ଉପସଭାପତି ଦୁର୍ଯ୍ୟୋଧନ ରାଉତ ଧନ୍ୟବାଦ ଜଣାଇଥିଲେ । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସହ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ନାୟକ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦାମୋଦର ପରିଡ଼ା, ଅଖିଳମୋହନ ମହାନ୍ତି, ବିଜୟଲକ୍ଷ୍ମୀ ଜେନାମଣି, କଳ୍ପନା ରାଉତ, ନିର୍ମଳ ମିଶ୍ର, ପ୍ରିୟମ୍ବଦା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।



ଅତିଥିଙ୍କ ଗହଣରେ କୃତି ଛାତ୍ରଛାତ୍ରୀ ।

# ଅଙ୍ଗନୱାଡି କେନ୍ଦ୍ରରେ ମିଳୁଛି ମୂଷାଖିଆ ଖାଦ୍ୟ

## ଅଙ୍ଗନୱାଡି କର୍ମୀଙ୍କ କାମକୁ ନେଇ ଲୋକେ ଅତିଷ୍ଠ

ବ୍ରହ୍ମବରଦା,୨।୬(ଯଯାତି କେଶରୀ ବେହେରା):





ଅଙ୍ଗନୱାଡ଼ି କେନ୍ଦ୍ରରୁ ମିଳିଥିବା ମୂଷା ଖାଇଯାଇଥିବା ଖାଦ୍ୟ ।

ରାଜ୍ୟ ଓ କେନ୍ଦ୍ର ସରକାର ପକ୍ଷରୁ ଶିଶୁ ଓ ପ୍ରସୂତୀମାନଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ ବିଭିନ୍ନ ପୁଷ୍ଟିକର ଶୁଖିଲା ଖାଦ୍ୟ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି । ଏଥିପାଇଁ ଅନେକ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ହେଲ ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତ ଢିଅସାହି ଗ୍ରାମର ୧୧ନଂ. ୱାର୍ଡ଼ରେ ଥିବା ୬ନଂ. ଅଙ୍ଗନୱାଡି କେନ୍ଦ୍ରରେ ଏହି ସବୁ ଖାଦ୍ୟ ବଣ୍ଟନରେ ନାନା ଅବ୍ୟବସ୍ଥା ଲାଗି ରହିଛି । ଏପରି କି ଏହି କେନ୍ଦ୍ରରେ ପ୍ରସୂତୀମାନଙ୍କୁ ଉତ୍ତମ ଗୁଣବତ୍ତା ଖାଦ୍ୟ ବଣ୍ଟନ ପରିବର୍ତ୍ତେ ମୂଷାଖିଆ ଖାଦ୍ୟ ବଣ୍ଟନ କରାଯାଉଥିବା ନେଇ ଅଭିଯୋଗ ହୋଇଛି ।

ସୁଚନାନୁଯାୟୀ ରବିବାର ଢିଅସାହି ଗ୍ରାମରେ ଥିବା ୬ନଂ. ଅଙ୍ଗନୱାଡି କେନ୍ଦ୍ରର କର୍ମଚାରୀ ତୃପ୍ତିମୟୀ ବେହେରା ପ୍ରସୂତିମାନଙ୍କୁ ପ୍ୟାକେଟରେ ଆସୁଥିବା ମୁଢ଼ି, ଭଜାସୋଲା, ବାଦାମ ଲଡୁ ଆଦି ପୃଷ୍ଟିକର ଖାଦ୍ୟ ବଣ୍ଟନ କରିଥିଲେ । କିନ୍ତୁ ସେଥିରୁ ଅଧିକାଂଶ ଖାଦ୍ୟ ମୂଷାଖିଆ ବୋଲି ଗ୍ରାମର କେତେଜଣ ମହିଳା ଅଭିଯୋଗ କରିଥିଲେ । ଉପରୋକ୍ତ ଖାଦ୍ୟ ରହିଥିବା ଜରିକୁ ମୂଷାକାଟି ଚିକ୍ ଚିକ୍ କରିଦେଇଥିଲା । ଏପରି କି ଅଧିକାଂଶ ଖାଦ୍ୟ ମୂଷା ଖାଇ ଦେଇଥିବା ଦେଖିବାକୁ ମିଳିଥିଲା । ଫଳରେ ସମ୍ପୃକ୍ତ ମହିଳା ସେହି ଖାଦ୍ୟ ନ ନେଇ ଫେରାଇ ଦେଇଥିଲେ । ଏ ସଂକ୍ରାନ୍ତରେ ଅଙ୍ଗନୱାଡି କର୍ମୀ ବେହେରାଙ୍କୁ ମହିଳାମାନେ ଜଣାଇଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ । ବରଂ ଆର ମାସରେ ଭଲ ଖାଦ୍ୟ ଆସିଲେ ଦିଆଯିବ ବୋଲି କହିଥିଲେ । ଏ ନେଇ ଅଙ୍ଗନବାଡ଼ି କର୍ମୀ ତୃପ୍ତିମୟୀ ବେହେରାଙ୍କୁ ପଚାରିବାରୁ ସେ ଖାଦ୍ୟ ପ୍ୟାକେଟଗୁଡିକ ମୂଷା କାଟିଥିବା କଥାକୁ ସ୍ୱୀକାର କରିଥିଲେ । ଏ ନେଇ ରସୁଲପୁର ବିଡିଓ ସତ୍ୟାନନ୍ଦ ଦାସଙ୍କୁ ପଚାରିବାରୁ ସେ ଏ ବିଷୟରେ ସିଡିପିଓଙ୍କୁ ଅବଗତ କରାଯିବ । ଏନେଇ ଏକ ଲିଖିତ ଅଭିଯୋଗ କରିବା ପାଇଁ ସେ କହିଥିଲେ ।

# ମଧୁରଜଳ ପାଇଁ ଚାହିଁଛନ୍ତି ୬ ପଞ୍ଚାୟତ ଚାଷୀ

ମହାକାଳପଡ଼ା, ୨।୬(ପ୍ରତାପ ଚନ୍ଦ୍ର ସ୍ୱାଇଁ)


ଆଖଡ଼ାସାହିଠାରେ ମହାନଦୀ ଶାଖା ଗୁପ୍ତଗିରି ନଦୀରେ ସ୍ଲୁଇସ୍ କ୍ରିକ୍।

ଚାଷୀ ଓ ଚାଷର ବିକାଶ ପାଇଁ କେନ୍ଦ୍ର, ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ଚାଷଜମିରେ ଜଳସେଚନର ପ୍ରମୁଖ ଭୂମିକା ରହିଛି। ହେଲେ ଜଳସେଚନ ପରି ମୌଳିକ ସୁବିଧା ସୁଯୋଗ ନ ଥିବାରୁ ଚାଷ କାମ ଆଗେଇ ପାରୁନାହିଁ ବୋଲି ଚାଷୀମାନେ କହିଛନ୍ତି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍‌ର ୬ ପଞ୍ଚାୟତର ମଙ୍ଗଳପୁର, ବରକନ୍ଧା, ପେଟଛେଲା, ରାମନଗର, ବଉଳକଣି ଓ ବାରଡାଙ୍ଗ ଚାଷୀମାନଙ୍କ ୩ ହଜାର ହେକ୍ଟର ଚାଷଜମିରେ ଜଳସେଚନ ସୁବିଧା ପାଇଁ ମହାନଦୀ ଶାଖା ଗୁପ୍ତଗିରି ନଦୀରେ ଆଖଡ଼ାସାହିଠାରେ ତତ୍କାଳୀନ ବିଜୁ ପଟ୍ଟନାୟକଙ୍କ ସରକାର ୧୯୯୫-୯୬ ମସିହାରେ ୫୫ ଲକ୍ଷ ଟଙ୍କା ବ୍ୟୟରେ ସ୍ଲୁଇସ କ୍ରିକ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ୨୦୦୧-୦୨ରେ ପ୍ରକଳ୍ପଟି ଭୁଶୁଡ଼ି ପଡ଼ିଥିଲା। କାରଣ ଉପଯୁକ୍ତ ଜ୍ଞାନକୌଶଳ, ବୈଷୟିକ ତ୍ରୁଟି ଓ ଅଧିକ ଗଭୀର ପଙ୍କୁଆ ସ୍ଥାନ ଯୋଗୁ ପ୍ରକଳ୍ପଟି ଭୁଶୁଡି ପଡ଼ିଥିବା କୁହାଯାଉଛି। ପରବର୍ତ୍ତୀ ସମୟରେ ଅଞ୍ଚଳର ଚାଷୀଙ୍କ ଦୁଃଖ ଦେଖି ଭୁଶୁଡ଼ି ପଡ଼ିଥିବା କ୍ରିକ୍‌ଠାରୁ ୨ ଶହ ମିଟର ଦୂର ମଧ୍ୟରେ ଜଳସେଚନ ବିଭାଗ (ନଦୀ ତଟବନ୍ଧ ବିଭାଗ) ପକ୍ଷରୁ ୨୦୧୩ ମେରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୭ କୋଟି ଟଙ୍କା ବ୍ୟୟ ଅଟକଳରେ ମହାନଦୀ ସଂଲଗ୍ନ ପିତାପାଟଠାରେ ଏହି ସ୍ଲୁଇସ୍ କ୍ରିକର ଶିଳାନ୍ୟାସ କରିଥିଲେ। ତେବେ ପ୍ରକଳ୍ପଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ୨୦୧୮-୧୯ରେ ସରିଥିଲା। ହେଲେ ପ୍ରକଳ୍ପ ଉଭୟପାର୍ଶ୍ୱରେ ଘରୋଇ ଜମି ଥିବାରୁ ଅଧିଗ୍ରହଣ କରାଯାଉ ନ ଥିବା ଜଳସେଚନ ହେବାରେ ବାଧକ ସାଜିଛି। ଅପରପକ୍ଷରେ ଭୁଶୁଡ଼ି ଥିବା କ୍ରିକ୍ ଦେଇ ମହାନଦୀରୁ ଖରାଦିନେ ଲୁଣି ଜଳ ପ୍ରବେଶ କରି ୬ଟି ପଞ୍ଚାୟତର ୩ ହଜାର ହେକ୍ଟର ଜମିରେ ଖରାଦିନେ ଖରିଫ୍ ଋତୁରେ ଚାଷ ଜମିରେ ପ୍ରବେଶ କରି ସାବିନି, କିଆବାରିଆ, ବାଛୁରିଆ, ମଧୁବନ, ଚଣ୍ଡିଗୋଜ, ମହୁଲା, ବାରାଖିଆ, ଚଡ଼କମରା, ଶଙ୍ଖ ଗୋଜ, ପୋଖରିଆ ଗୋଜ ଆଦି ଚାଷ ଜମି ଭେଡ଼ା ଅଞ୍ଚଳରେ ପ୍ରଭାବିତ ହେଉଛି ବୋଲି କୁହାଯାଉଛି। ଏହି ସମସ୍ୟା ଦୀର୍ଘବର୍ଷ ପୂର୍ବରୁ କିପରି ସମାଧାନ ହେବ ସେଥିପାଇଁ ରାଜ୍ୟ ଭାଜପା ସରକାର ସ୍ୱତନ୍ତ୍ର ଦୃଷ୍ଟିଦେବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଚାଷୀ ସଙ୍ଗଠନ କର୍ମକର୍ତ୍ତା ପ୍ରମୁଖ ନିବେଦନ କରିଛନ୍ତି।

**ଆଖଡ଼ାସାହି ସ୍ଲୁଇସ୍ କ୍ରିକ୍**
- ବାଧକ ସାଜିଛି ଜମି ଅଧିଗ୍ରହଣ
- ୭ ବର୍ଷ ହେଲାଣି ପ୍ରକଳ୍ପର କ୍ରିକ୍ ଲୁହା ପ୍ଲେଟ୍ କଳଙ୍କି ଲାଗିଲାଣି
- ଚାଷଜମିରେ ମହାନଦୀ ଲୁଣି ଜଳ ପ୍ରବେଶ କରୁଛି

ଏ ସମ୍ପର୍କରେ ୨୦୨୪ ବିଧାନସଭା ମୌସୁମୀ ଅଧିବେଶନରେ ସ୍ଥାନୀୟ ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ବାଚସ୍ପତି ଓ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁ ଅଦ୍ୟାବଧି ଜମି ଅଧିଗ୍ରହଣ କରାଯାଉ ନ ଥିବାରୁ ପ୍ରକଳ୍ପର ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଉଛି। ଏହି ପ୍ରକଳ୍ପଟି କାର୍ଯ୍ୟକାରୀ ହେଲେ ବ୍ୟାପକ ଅଞ୍ଚଳରେ ବର୍ଷସାରା ମଧୁରଜଳ ଜଳସେଚନରେ ବିଭିନ୍ନ ଚାଷ ତଥା ଖରିଫ୍, ପନିପରିବା ଫସଲ ଉତ୍ପାଦନ ହେବ ବୋଲି ହରେକୃଷ୍ଣ ଗୋଛାୟତ, ଶିଶିର ରାଉତ, ବୀରବର ସ୍ୱାଇଁ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ସଦାଶିବ ରାଉତ ଓ ନାଥ ଭୋଳ ପ୍ରମୁଖ କହିଛନ୍ତି। ଅପରପକ୍ଷରେ ଏହି ଅଞ୍ଚଳର ଚାଷ ଜମିର ଉଦ୍‌ବୃତ୍ତ ବର୍ଷା ଓ ବନ୍ୟା ଜଳ ଗୁପ୍ତଗିରି ଶାଖା ନଦୀ ଦେଇ ମହାନଦୀକୁ ଜଳ ପ୍ରବେଶ ଓ ନିଷ୍କାସନ ହୋଇଥାଏ। ପ୍ରକଳ୍ପ କାର୍ଯ୍ୟ ୬ରୁ୭ ବର୍ଷ ହେଲା ସମ୍ପୂର୍ଣ୍ଣ ହେଇଥିଲେ ମଧ କ୍ରିକ୍ ଲୁହା ପ୍ଲେଟ କଳଙ୍କି ଲାଗିଲାଣି। ୨୦୦୨ରେ ଭୁଶୁଡି ପଡିଥିବା ଭଗ୍ନ ସ୍ଲୁଇସ କ୍ରିକ୍ ଦେଇ ମହାନଦୀର ଲୁଣା ପାଣି ଶତାଧିକ ହେକ୍ଟର ଜମିରେ ପ୍ରବେଶ କରୁଛି। ଫଳରେ ଖରିଫ ଋତୁରେ ଚାଷ ଜମି ନଷ୍ଟ ହେଉଛି। ଚାଷୀ ମୂଲିଆ କୃଷକ ସଂଘ ଜିଲାସ୍ତରୀୟ ନେତା ଅକ୍ରୁର ପଲେଇ କହିଛନ୍ତି, ଏହି ପ୍ରକଳ୍ପଟି ଆମ ଅଞ୍ଚଳର ଚାଷୀ ଓ ଚାଷର ଜୀବନ ରେଖା ସହିତ ଭାତହାଣ୍ଡି। ପ୍ରକଳ୍ପଟି କାର୍ଯ୍ୟକାରୀ ହେଲେ ମଧୁର ଜଳରେ ବର୍ଷ ସାରା ବିଭିନ୍ନ ଫସଲ ଉତ୍ପାଦନ ହେବା ସହ ଚାଷୀଙ୍କ ଦୁଃଖ ରହିବ ନାହିଁ। ଏ ସଂକ୍ରାନ୍ତରେ ଆଳିସ୍ଥିତ ନଦୀ ତଟବନ୍ଧ ବିଭଗ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ ସାହୁଙ୍କୁ ପଚାରିବାରେ ଉକ୍ତ ପ୍ରକଳ୍ପଟିର ଜମି ଅଧିଗ୍ରହଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ସମସ୍ୟା ସମାଧାନ ହେବ ବୋଲି ସେ କହିଛନ୍ତି।

## ନାବାଳିକା ବଳାତ୍କାର ମାମଲା: ବୃଦ୍ଧଙ୍କୁ ୨୦ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୨।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଏକ ନାବାଳିକା ବଳାତ୍କାର ମାମଲା ଜିଆର୍ କେସ୍ ନଂ. ୯୮/୨୪ର ଫଇସଲା ସୋମବାର ହୋଇଛି। ଆଡିଶନାଲ ଡିଷ୍ଟ୍ରିକ୍ ଜଜ୍ କମ୍ ସେସନ୍ସ ଜଜ୍ ପ୍ରଜ୍ଞା ପାରମିତା ରାଉଳ ଏହି ପୋକ୍ସୋ ମାମଲାର ଶୁଣାଣିକରି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡପଡ଼ା ଗ୍ରାମର ବଟକୃଷ୍ଣ ସାହୁ(୭୦)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଜରିମାନା ବାବଦ ୫୦ ହଜାର ଟଙ୍କା ଅନାଦେୟ ୧ ବର୍ଷ ଜେଲ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତା ନାବାଳିକାଙ୍କୁ ଜିଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ୬ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ମାମଲା ପରିଚାଳନାକାରୀ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର (ପିପି) ଆଇନଜୀବୀ ମନୋଜ ସାହୁ କହିଛନ୍ତି, ୨୦୨୪ ନଭେମ୍ବର ୨୮ରେ ଏହି ଘଟଣା ଘଟିଥିଲା। ଏହିଦିନ ପୂର୍ବାହ୍ନ ୧୧ଟାରେ ୯ ବର୍ଷର ପୀଡ଼ିତା ଘରେ ଥିଲେ। ବଟକୃଷ୍ଣ ଏହି ଏକୁଟିଆ ସମୟର ସୁବିଧା ଉଠାଇ ବଳାତ୍କାର କରିଥିଲେ। ସେହି ସମୟରେ ପୀଡ଼ିତାଙ୍କ ମୁହଁରେ ଗାମୁଛା ବାନ୍ଧି ଦେଇଥିଲେ। ଏହି ଘଟଣା ପରିବାର ସଦସ୍ୟ ଜାଣିବା ପରେ ୨୯ ତାରିଖରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ ବୋଲି ଆଇନଜୀବୀ ସାହୁ ସୂଚନା ଦେଇଛନ୍ତି।

## ମତ୍ସ୍ୟଜୀବୀ ସମୃଦ୍ଧି କେନ୍ଦ୍ର ଉଦ୍‌ଘାଟିତ


ସମୃଦ୍ଧି କେନ୍ଦ୍ରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ପଟ୍ଟାମୁଣ୍ଡାଇ, ୨।୬(କଳ୍ପତରୁ ନାୟକ)

କେନ୍ଦ୍ରାପଡା ବ୍ଲକ ଗାଙ୍ଗପଡ଼ା ଛକଠାରେ ସିଦ୍ଧିଶକ୍ତି ମତ୍ସ୍ୟଚାଷୀ ଉତ୍ପାଦକ ସମବାୟ ସମିତିର ମତ୍ସ୍ୟଜୀବୀ ସମୃଦ୍ଧି କେନ୍ଦ୍ର ସୋମବାର ଉଦ୍‌ଘାଟିତ ହୋଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ମୋନାଲିସା ପଣ୍ଡା ଓ ଜିଲା ମତ୍ସ୍ୟ ସମବାୟ ପରିଦର୍ଶକ ଏମ.ଏସ. ରୋନିତ ଯୋଗଦେଇଥିଲେ। ମୁଖ୍ୟ ଅତିଥି ସାହୁ ସମବାୟର ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହିତ ଏହି ସମୃଦ୍ଧି କେନ୍ଦ୍ର ଆଗାମୀଦିନରେ ମତ୍ସ୍ୟଚାଷୀମାନଙ୍କ ନିମନ୍ତେ ବରଦାନ ସଦୃଶ ହେବ ବୋଲି ନିଜର ମତବ୍ୟକ୍ତ କରିଥିଲେ। ସମବାୟର ସଭାପତି ଭାଗବତ ଚନ୍ଦ୍ର ବରାଳ ଏହା ଜିଲାରେ ପ୍ରଥମ ସମୃଦ୍ଧି କେନ୍ଦ୍ର ଓ ଉକ୍ତ ସମୃଦ୍ଧି କେନ୍ଦ୍ର ମୁଖ୍ୟତଃ ୩ ଟି ବିଷୟ ମତ୍ସ୍ୟ ଚାଷୀଙ୍କୁ ପ୍ରଶିକ୍ଷଣ,ପରାମର୍ଶ ଓ ସରକାରୀ ଯୋଜନା ସହିତ ଯୋଡ଼ିବା ନିମନ୍ତେ କାର୍ଯ୍ୟ କରିବ ବୋଲି ସୂଚନା ଦେଇଥିଲେ। ଉକ୍ତ ସମୃଦ୍ଧି କେନ୍ଦ୍ର ମାଧ୍ୟମରେ ମତ୍ସ୍ୟଚାଷୀମାନଙ୍କୁ ଉଚିତ ମୂଲ୍ୟରେ ଉନ୍ନତ ମାନର ଜାଆଁଳ, ଦାନା, ପିଡିଆ, ଔଷଧ ଆଦି ଯୋଗାଇ ଦିଆଯିବ। ଅନ୍ୟମାନଙ୍କ ମଧ୍ୟରେ ସମବାୟର ନିର୍ଦ୍ଦେଶକ ସୋନାଶିଷ ଜେନା, ଜୟନ୍ତ ମହାନ୍ତି, ମଦନ ମଲ୍ଲିକ୍, ସଦସ୍ୟ ଦିବାକର ପ୍ରଧାନ, ବିପ୍ଳବ ସ୍ୱାଇଁ, ନରେଶ ପତି, ବିକ୍ରମ କେଶରୀ ବିଶ୍ୱାଳ, ଜୟଦେବ ସାସମଲ, ବିଜୟ ରାଉତ, ହେମନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ରଶ୍ମିରଞ୍ଜନ ଦଳାଇ ସମସ୍ତ ସଦସ୍ୟମାନଙ୍କୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ନିମନ୍ତେ ଧନ୍ୟବାଦ ଜଣାଇଥିଲେ।

## ରାଜନଗର ବ୍ଲକ୍‌ରେ ପ୍ରଶାସନିକ ଅଚଳାବସ୍ଥା

**ବାରମ୍ବାର ବିଡିଓଙ୍କ ବଦଳି**

ରାଜନଗର, ୨।୬(ଭାସ୍କର ରାଉତରାୟ)

ରାଜନଗର ବ୍ଲକ୍‌ରେ ପ୍ରଶାସନିକ ଅଚଳାବସ୍ଥା ଲାଗିରହିଛି। ଜଣେ ବିଡିଓ କିଛି ବୁଝିବା ପୂର୍ବରୁ ତାଙ୍କୁ ବଦଳିକରି ଦିଆଯାଉଛି। ପାଗ ଭିଡୁ ଭିଡୁ କଚେରି ଖାଲି ଭଳି ରାଜନଗରରେ ପ୍ରତି ମାସରେ ଥରେ ଜିଲା ପ୍ରଶାସନ ନୂଆ କାମଚଳା ବିଡିଓଙ୍କୁ ପଠାଉଛି। ରାଜନଗରରେ ଯେପରି ବିକାଶ ମୁହଁ ମାଡି ପଡିବ ସେଥିପାଇଁ ବୋଧେ ଜିଲା ପ୍ରଶାସନ କଳବଳ ଲଗାଇ ଦେଇଛି ବୋଲି ଚର୍ଚ୍ଚା ହେଉଛି।

କାହିଁକି ରାଜନଗର ବ୍ଲକରେ ସ୍ଥାୟୀ ବିଡିଓ ନିଯୁକ୍ତି ଦିଆଯାଉନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ସେପ୍ଟେମ୍ବର ୨୫ରେ ରାଜନଗର ବିଡିଓ ନିଶାନ ମିଶ୍ରଙ୍କ ଅନୁଗୋଳ ଜିଲା ପାଲଲହଡା ବ୍ଲକ୍‌କୁ ବଦଳି ହୋଇଥିଲା। ମାତ୍ର ରାଜନଗର ବ୍ଲକକୁ ନୂଆ ବିଡିଓ ଭାବେ କାହାର ଅର୍ଡର ବାହାରି ନ ଥିଲା। ମାତ୍ର ଅକ୍ଟୋବର ୩୦ରେ ରିଲିଭର ଆସି ନ ଥିବାବେଳେ ଅଚାନକ କେନ୍ଦ୍ରାପଡ଼ା ଜିଲାପାଳ ବିଡିଓ ମିଶ୍ରଙ୍କୁ ରିଲିଭକରି ଦେଇଥିଲେ। ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଶାରଦା ପ୍ରସନ୍ନ ନାୟକଙ୍କୁ ନଭେମ୍ବର ୬ ତାରିଖ ଯାଏ ବିଡିଓ ଦାୟିତ୍ୱ ଦିଆଗଲା। ନଭେମ୍ବର ୬ ତାରିଖରେ ପଟ୍ଟାମୁଣ୍ଡାଇ ପୌରପାଳିକାର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି ରାଜନଗର ବିଡିଓ ଦାୟିତ୍ୱ ନେଲେ। ଜାନୁଆରୀ ୧୦ରେ ରାଜନଗର ବିଡିଓ ଭାବେ ଶୋଭନ ଶ୍ରୀତମ ପଣ୍ଡା ଦାୟିତ୍ୱ ନେଲେ। ହଠାତ ବିଡିଓ ପଣ୍ଡା ଉଭାନ ହୋଇଗଲେ। କେନ୍ଦ୍ରାପଡ଼ା ଏବିଡିଓ ଅନିରୁଦ୍ଧ ବେହେରାଙ୍କୁ ରାଜନଗର ବ୍ଲକର କାମଚଳା ବିଡିଓ ଭାବେ ଦାୟିତ୍ୱ ଦିଆଗଲା। ୧୫ ଦିନ ପରେ ପୁଣି ଶୋଭନ ଶ୍ରୀତମ ପଣ୍ଡା କାର୍ଯ୍ୟରେ ଯୋଗଦେଲେ। ମାତ୍ର ରାଜନଗର ବ୍ଲକରେ ଅଧିକ ରାଜନୈତିକ ହସ୍ତକ୍ଷେପ ଯୋଗୁ ୨୫ ମାର୍ଚ୍ଚରେ ଛୁଟିରେ ପଳାଇଲେ। ଏହା ପରେ ଜିଲା ପ୍ରଶାସନ ପକ୍ଷରୁ କେନ୍ଦ୍ରାପଡ଼ା ଡେପୁଟି କଲେକ୍ଟର ରବି ନାରାୟଣ ଆଚାର୍ଯ୍ୟଙ୍କୁ ୨୫ ମାର୍ଚ୍ଚରେ ରାଜନଗର ବିଡିଓ ଦାୟିତ୍ୱ ଦିଆଗଲା। ସୋମବାର ପୁଣି ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ହଟାଇ ଦିଆଯାଇ କେନ୍ଦ୍ରାପଡା ଏବିଡିଓ ଅନିରୁଦ୍ଧ ନାୟକଙ୍କୁ କାମଚଳା ଦାୟିତ୍ୱ ଦିଆଯାଇଛି। ରାଜନଗର ବ୍ଲକ୍‌ରେ ୧୫ ଦିନ, ମାସରେ ଥରେ ବିଡିଓ ବଦଳିବା ଘଟଣା ସବୁ ମହଲକୁ ଆଚମ୍ବିତ କରିଛି।

## ଥାନା ଆଗରେ ଆମରଣ ଅନଶନରେ ପରିବାର, ଗାଁର ମହିଳା



ଥାନା ଆଗରେ ଆମରଣ ଅନଶନରେ ବସିଛନ୍ତି ପରିବାର ଏବଂ ମହିଳାମାନେ।

ରାଜନଗର, ୨।୬(ଭାସ୍କର ରାଉତରାୟ)

**ନାବାଳିକାଙ୍କୁ ବାଂଲା ଅନୁପ୍ରବେଶକକାରୀଙ୍କ ଅପହରଣ ଘଟଣା**

ରାଜନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଛି। ମାର୍ଚ୍ଚ ୧୩ ରୁ ନାବାଳିକାଙ୍କୁ ଅପହରଣ କରାଯାଇଥିବାବେଳେ ପରିବାର ଲୋକେ ୧୫ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ବାଂଲା ଅନୁପ୍ରବେଶକାରୀ ନାବାଳିକାଙ୍କୁ ଅପହରଣକରି ନେଇଥିବା ପରିବାର ଲୋକେ ଅଭିଯୋଗ କରିବାର ୮୦ ଦିନ ବିତିଗଲାଣି। ପରିବାର ଲୋକ ଥାନାକୁବାରମ୍ବାର ଦୌଡ଼ିବା ସହ କେନ୍ଦ୍ରାପଡ଼ା ଏସ୍‌ପି ଓ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ଭେଟି ଅଭିଯୋଗ କରିଥିଲେ ବି ପୋଲିସ ନିଖୋଜ ମାମଲା କରି ଚୁପ୍ ହୋଇ ବସିଛି। ପରିବାର ଲୋକେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ପୋଲିସ ନାବାଳିକାଙ୍କୁ ଉଦ୍ଧାର ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଅଭିଯୋଗ କରି ସୋମବାର ନାବାଳିକାଙ୍କ ପରିବାର ରାଜନଗର ଥାନା ସମ୍ମୁଖରେ ଆମରଣ ଅନଶନରେ ବସି ରହିଛନ୍ତି। ଏହି ଘଟଣାକୁ ସମର୍ଥନ କରି ଗାଁର ମହିଳାମାନେ ଆମରଣ ଅନଶନରେ ବସି ରହିଥିଲେ। ଆଇଆଇସି ନରେଶ କୁମାର ସାହୁ ନାବାଳିକାଙ୍କ ପରିବାର ଓ ଗାଁ ଲୋକଙ୍କ ସହ ଆଲୋଚନାକରି ଆସନ୍ତା ୧୦ ତାରିଖ ସୁଦ୍ଧା ଝିଅକୁ ଉଦ୍ଧାରକରି ଆଣିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଆମରଣ ଅନଶନରୁ ପରିବାର ଲୋକେ ଉଠିଥିଲେ।

ନାବାଳିକାଙ୍କ ବାପାଙ୍କ ଅଭିଯୋଗ ମୁତାବକ, ସାତଭାୟାରେ ରହୁଥିବା ବାଂଲା ଅନୁପ୍ରବେଶକାରୀ ଜଣେ ବ୍ୟକ୍ତି ମାର୍ଚ୍ଚ ୧୩ରେ ଝିଅକୁ ଅପହରଣକରି ନେଇଛନ୍ତି। ପୋଲିସ କେବଳ ନିଖୋଜ ମାମଲା କରି ଚୁପ ବସିଛି। ଝିଅ ସମ୍ପର୍କରେ ଜାଣିବାକୁ ଥାନାକୁ ଆସିଲେ ପୋଲିସ ବିରକ୍ତ ହେଉଛି। ଅପହରଣକାରୀ ବାଂଲା ଅନୁପ୍ରବେଶକାରୀ ହୋଇଥିବାରୁ ସେମାନେ ଝିଅକୁ କେଉଁ ଆଡ଼େ ଚାଲାଣ କରିଦେଇଛନ୍ତି କିମ୍ବା ମାରି ଦେଇଥିବା ନେଇ ସନ୍ଦେହ ହେଉଛି। ଝିଅ ନିଖୋଜ ହେବ ଦିନ ଫୋନ କରିଥିଲୁ, ଝିଅ କାନ୍ଦି କାନ୍ଦି ବାପା କହିବା ଭିତରେ ସେମାନେ ମୋବାଇଲ ଫୋନ ଛଡ଼ାଇ ନେଇ ବନ୍ଦ କରି ଦେଇଥିଲେ। ଝିଅକୁ ନ ପାଇ ମା' ରୋଗ ଶଯ୍ୟାରେ, ଜୀବନ ହରିବାକୁ ବାରମ୍ବାର ଚେଷ୍ଟା କରୁଛି। ନାବାଳିକା ଝିଅକୁ ଉଦ୍ଧାର ପାଇଁ ବାରମ୍ବାର ନେହୁରା ହୋଇଥିଲେ ମଧ କେହି ଶୁଣିଲେ ନାହିଁ। ଝିଅକୁ ଖୋଜି ଫେରାଇ ଆଣିବାକୁ ଦାବି କରି ପରିବାର ସହ ଥାନା ଆଗରେ ଆମରଣ ଅନଶନରେ ବସିଥିଲୁ। ଆଇଆଇସି ୧୦ ତାରିଖ ସୁଦ୍ଧା ଝିଅକୁ ଉଦ୍ଧାରକରି ଆଣିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ସ୍ଥଗିତ ରଖିଛୁ। ୧୦ ତାରିଖ ସୁଦ୍ଧା ଝିଅକୁ ଆମେ ଫେରି ନ ପାଇଲେ ୧୧ରେ ଆମରଣ ଅନଶନରେ ବସିବୁ ବୋଲି ସେ କହିଛନ୍ତି।

## ଛତା ଛକରେ ମିନି ବସ୍‌ଷ୍ଟାଣ୍ଡ ପ୍ରତିଷ୍ଠା ଦାବି

ଡେରାବିଶ,୨।୬(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥ କଡ଼ରେ ଥିବା ଛତାଠାରେ ଏକ ମିନି ବସଷ୍ଟାଣ୍ଡ ନିର୍ମାଣ କରିବାକୁ ଜନଶକ୍ତି ପାର୍ଟି ପକ୍ଷରୁ ଦାବି କରାଯାଇଛି। ପ୍ରତ୍ୟେହ ବହୁ ଜନସାଧାରଣ ଛତା ଛକ ଦେଇ ଜିଲା ଓ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯାଇଥାନ୍ତି। ଏହି ଛକ ନିକଟରେ କେନ୍ଦ୍ରାପଡ଼ା ସରକାରୀ ପଲିଟେକନିକ୍ କଲେଜ, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ କାର୍ଯ୍ୟାଳୟ ଓ ସବ୍ ରେଜିଷ୍ଟର କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ସ୍କୁଲ କଲେଜ ରହିଛି। ଏପରିକି ନିକଟସ୍ଥ ୧୫ ଟି ପଞ୍ଚାୟତର ଜନସାଧାରଣ ପ୍ରତ୍ୟେହ ନିଜର ଦୈନନ୍ଦିନ କାର୍ଯ୍ୟ ପାଇଁ ଉକ୍ତ ସ୍ଥାନକୁ ଆସିଥାନ୍ତି। ଏଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହେଲେ ଲୋକେ ଖରା ବର୍ଷାରୁ ମୁକ୍ତି ପାଇବା ସହ ଧନଜୀବନ ସୁରକ୍ଷିତ ରହିପାରିବ ବୋଲି ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ପ୍ରଦୀପ କୁମାର ଦାଶ ସୋମବାର ଅପରାହ୍ନରେ ଛତା ଛକଠାରେ ପ୍ରେସ ବିବୃତିରେ ଦାବି ଜଣାଇଛନ୍ତି। ଯଦି ପ୍ରଶାସନ ଏହି ପ୍ରସ୍ତାବକୁ ଗ୍ରହଣ ନ କରେ ତେବେ ପାର୍ଟି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଛତା ଛକଠାରେ ଏକ ମିନି ବସ୍‌ଷ୍ଟାଣ୍ଡ କରିବାକୁ ଜିଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଦୀର୍ଘଦିନ ହେବ ଦାବି ହୋଇ ଆସୁଛି।

## ପ୍ରଶାସନିକ ଶୁଣାଣି ଶିବିରରେ ୧୫୨ ଅଭିଯୋଗ


ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

କେନ୍ଦ୍ରାପଡ଼ା, ୫।୫ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ଟାଉନ ହଲ୍‌ଠାରେ ପ୍ରଶାସନିକ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୫୨ଟି ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୧୨୩ଟି ଅଭିଯୋଗ ବ୍ୟକ୍ତିଗତ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ଭତ୍ତା, ରାଶନ କାର୍ଡ, ଚିକିତ୍ସା ସହାୟତା ଆଦି ରହିଥିଲା। ସେହିପରି ୨୯ଟି ସାମୂହିକ ଅଭିଯୋଗ ପତ୍ରରେ ଜମି ବିବାଦ, ପାନୀୟ ଜଳ, ରାଶନ ସାମଗ୍ରୀ ଯୋଗାଣ, ଶିକ୍ଷା ବ୍ୟବସ୍ଥା, କ୍ଷେତକୁ ଜଳ ପରିଚାଳନା, ଗ୍ରାମ୍ୟ ରାସ୍ତା ଜବରଦଖଲ ଆଦି ରହିଥିଲା। ଶୁଣାଣି ସମୟରେ କେତେକ ସମସ୍ୟାର ସମାଧାନ ହୋଇଛି। ଅବଶିଷ୍ଟ ଅଭିଯୋଗ ୭ ଦିନ ମଧ୍ୟରେ ସମାଧାନ ପାଇଁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମହାନ୍ତି ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କେତେଜଣ ହିତାଧିକାରୀଙ୍କୁ ରେଡ୍‌କ୍ରସ୍‌ରୁ ସହାୟତା ଓ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇଥିଲା। ଶିବିରରେ ଏସ୍‌ପି ସିଦ୍ଧାର୍ଥ କାଟାରିୟା, ଏଏସ୍‌ପି ଦେବାଶିଷ ଧଳ, ଏଡିଏମ୍ ରବୀନ୍ଦ୍ର କୁମାର ମଲ୍ଲିକ୍, ଉପଜିଲାପାଳ ଅରୁଣ କୁମାର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ, ସିଏସ୍‌ଓ ଶ୍ରୀନିବାସ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ମାଟି ପକାଇ ଜଳ ନିଷ୍କାସନ ପଥ ଅବରୋଧ

ପଟ୍ଟାମୁଣ୍ଡାଇ, ୨।୬ (କଳ୍ପତରୁ ନାୟକ)


କାଠିଆପଡ଼ା ଆର୍‌ଆଇ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିବା ଲୋକମାନେ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ କଠିଆପଡ଼ା ଗ୍ରାମର ଜଳ ନିଷ୍କାସନ ପଥ ନୟନଯୋରିକୁ ଜଣେ ବ୍ୟକ୍ତି ଜବରଦଖଲ କରିବା ସହ ଯୁବକ ସଂଘ ଜାଗାକୁ ଅକ୍ତିଆରକୁ ନେଇ ଦୋକାନ ଘର ନିର୍ମାଣ କରି ବ୍ୟବସାୟରେ ଲଗାଇଛନ୍ତି। ଫଳରେ ବର୍ଷାଦିନେ ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇ ନ ପାରି ଜମି ରହୁଛି। ଏ ନେଇ ଗ୍ରାମବାସୀ ବାରମ୍ବାର ତହସିଲ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରି ଆସିଛନ୍ତି। ଏଠାରେ ଜବରଦଖଲକାରୀଙ୍କ ଯୋଗୁ ଆଇନ ଶୃଙ୍ଖଳା ବ୍ୟାହତ ହେଉଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ନଜର ନ ଦେବା ପରିତାପର ବିଷୟ ପାଲଟିଛି। ଫଳରେ ଶତାଧିକ ଗ୍ରାମବାସୀ ପ୍ରଶାସନ ଉପରୁ ବିଶ୍ୱାସ ହରାଇ ସୋମବାର ସକାଳ ୮ଟାରୁ କଠିଆପଡା ଆର୍‌ଆଇ କାର୍ଯ୍ୟାଳୟ ଆଗରେ ଧାରଣାରେ ବସି ରହିଥିଲେ। ମଧ୍ୟାହ୍ନ ସାଢ଼େ ୧୨ଟାରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ସରକାରୀ କାର୍ଯ୍ୟରେ ଥିବାରୁ ସୁପରଭାଇଜର ଧାରଣାସ୍ଥଳରେ ପହଞ୍ଚି ଧାରାଣାରତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ମାସେ ମଧ୍ୟରେ ସମସ୍ୟାର ସମାଧାନ ହେବ ବୋଲି ଧାରଣାରତ ଲୋକମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣା ପ୍ରତ୍ୟାହୃତ କରିଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ୨୦୦୯-୧୦ରେ ଗ୍ରାମର ଯୁବବର୍ଗଙ୍କ ଦାବି ଫଳରେ ତତ୍କାଳୀନ ସରକାର ଗ୍ରାମର ଆବାଦୀ ଅନାବାଦୀ ଖାତା ନଂ. ୫୪୯, ପ୍ଲଟ୍ ନଂ. ୫୮୨ ରକବା- ୫୮୨/୨୦୩୬, ଏ୦.୧୬, ରକବାକୁ କାଠିଆପଡ଼ା ଯୁବକସଂଘ ନାମରେ ଆଇଟମେଣ୍ଟ ପ୍ଲଟ୍ ଖାତା ନଂ. ୫୫୨ ରକ୍ଷିତ ଖାତାରୁ ଜିଆର୍ କେସ୍ ନଂ. ୩/୧ରେ ଅଲଗା କରାଯାଇ ହସ୍ତାନ୍ତର ପାଇଁ ସ୍ଥିର କରାଯାଇଥିଲା। ମାତ୍ର ଜଣେ ବ୍ୟକ୍ତି ଜୋରଜବରଦସ୍ତ ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ଉକ୍ତ ଜାଗାରେ ୫୦୦ ବର୍ଗଫୁଟର ପକ୍କାଘର ତିଆରିକରି ବେପାର କରିବା ସହ ଜଳପଥକୁ ଅବରୋଧକରି ରଖିଛନ୍ତି। ଫଳରେ ଗ୍ରାମରେ ଅସନ୍ତୋଷ ସୃଷ୍ଟି ହେଉଛି। ଭବିଷ୍ୟତରେ ଏହାକୁ ନେଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ଯାହାର ନିରାକରଣ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଓ ଜବରଦଖଲ ଘଟଣାରେ ପ୍ରଶାସନର ତ୍ୱରିକ ପଦକ୍ଷେପ ଆଶାରେ ଗ୍ରାମର ଅଲେଖ ନାୟକ, ପାରେଶ୍ୱର ସେଠୀ, ରମେଶ ମଲିକ, ଉର୍ମିଳା ପାଢ଼ୀ, କୁବେର ପଣ୍ଡା, ରମାକାନ୍ତ ରାଉତ, ରଞ୍ଜନ ସାହୁ, ସନାତନ ନାୟକ, ରାଜେନ୍ଦ୍ର କର, ନୀଳକଣ୍ଠ କର, ବାସୁଦେବ ବେହେରା, ସସ୍ମିତା ସାହୁ, ଭମରବର ନାୟକ, ଭରତ ଦାସ, ଅଭିରାମ ମଲିକଙ୍କ ସମେତ ଶତାଧିକ ଗ୍ରାମବାସୀ କାଠିଆପଡ଼ା ଆର୍‌ଆଇ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ।

- ଉଚ୍ଛେଦ ଦାବିରେ କାଠିଆପଡ଼ା ଆର୍‌ଆଇ କାର୍ଯ୍ୟାଳୟ ଆଗରେ ଧାରଣା
- ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

# ଡାକ୍ତରଙ୍କୁ ନିଲମ୍ବନ କରି ଗିରଫ କରାଯାଉ

## ଚିକିତ୍ସାରେ ଅବହେଳା, ଗର୍ଭବତୀଙ୍କ ମୃତ୍ୟୁ ଘଟଣା

- ଅନୁକମ୍ପା ନ କରି ନର୍ସଙ୍କ ଉପରେ ହେଉ କାର୍ଯ୍ୟାନୁଷ୍ଠାନ
- ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ସୁଧାର ପାଇଁ ନିଆଯାଉ ପଦକ୍ଷେପ

ନୟାଗଡ଼,୨।୬(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଶିଶୁ ଚିକିତ୍ସାଳୟରେ ୩୦ ହଜାର ଟଙ୍କା ଲାଞ୍ଚ ନ ଦେବାରୁ ନୟାଗଡ ଟାଉନ ଥାନା ବାଲୁଗାଁର ଗର୍ଭବତୀ ମମତା ସ୍ୱାଇଁ (୩୫)ଙ୍କ ମୃତ୍ୟୁ ଘଟଣା ଜିଲାରେ ଉଦ୍‌ବେଗର କାରଣ ପାଲଟିଛି। ଗର୍ଭସ୍ଥ ଶିଶୁ ସହ ମା'ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଉଠିଛି। ଏଭଳି ସ୍ପର୍ଶକାତର ଘଟଣାରେ ଡାକ୍ତରଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବସ୍ଥାପିତ କରାଯାଇ କାମ ଚଳାଇ ନେବା ଠିକ୍ ନୁହେଁ ବୋଲି କୁହାଯାଇଛି। ବରଂ ଡାକ୍ତରଙ୍କୁ ନିଲମ୍ବନ କରି ଗିରଫ କରାଯାଉ ବୋଲି ସାଧାରଣ ଦାବି କରାଯାଇଛି। ସେହିଭଳି ୨ଟି ଜୀବନ ଚାଲିଯିବା ସମୟରେ କାର୍ଯ୍ୟରେ ଥିବା ନର୍ସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ମତ ଅନୁରୂପ ଭାବେ ଦାବି ହେଉଛି। ଅପରପକ୍ଷେ ଗର୍ଭସ୍ଥ ଶିଶୁ ସହ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ସିଡିଏମ୍‌ଓଙ୍କୁ ଅନୁରୋଧ କରାଯାଇଛି। ଘଟଣାରେ ଜିଲାପାଳ ହସ୍ତକ୍ଷେପ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ସୁଧାରିବାକୁ ପଦକ୍ଷେପ ନେବାକୁ ଅନୁରୋଧ ଉଠିଲାଣି। ଏ ନେଇ ନୟାଗଡ଼ର ଆଇନଜୀବୀ ତଥା ଜିଲା କଂଗ୍ରେସର ପୂର୍ବତନ ସଭାପତି ରଣଜିତ ଦାଶ କହିଛନ୍ତି, ଗର୍ଭସ୍ଥ ଶିଶୁ ଓ ମା'କୁ ହତ୍ୟା କରାଯାଇଛି। ଏଭଳି ଘଟଣା କେଉଁ ଆଧାରରେ ତଦନ୍ତ କରାଯିବ, କେଉଁମାନେ ତଦନ୍ତ ପରିସର ଭୁକ୍ତ ହେବେ ସେନେଇ ସିଡିଏମ୍‌ଓ ସ୍ପଷ୍ଟ କରନ୍ତୁ। ଗଦାଧର ପ୍ରସାଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦାଶରଥି ସ୍ୱାଇଁ କହିଛନ୍ତି, ଡାକ୍ତରଙ୍କୁ ଭଗବାନଙ୍କ ଆଖ୍ୟା ଦିଆଯାଇଛି। ହେଲେ ଅର୍ଥ ପାଇଁ ରୋଗୀଙ୍କୁ ଅଣଦେଖା କରିବା ଯୋଗୁ ଗର୍ଭବତୀ ଜୀବନ ଚାଲିଗଲା। ଏଭଳି ଅନେକ ଘଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଘଟୁଛି। ତେବେ ପ୍ରମାଣ ଅଭାବରୁ କାର୍ଯ୍ୟାନୁଷ୍ଠାନ ହୋଇପାରୁନାହିଁ। ବାଲୁଗାଁର ଗର୍ଭବତୀ ମମତାଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଡାକ୍ତର ଓ ନର୍ସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଆଗାମୀଦିନରେ ଯେପରି ରୋଗୀଙ୍କ ଜୀବନ ସହ ଖେଳିବାକୁ ଡାକ୍ତର ଓ ନର୍ସ କେବେ ହେଲେ ଚିନ୍ତା କରିବେ ନାହିଁ।

ଗର୍ଭବତୀଙ୍କୁ ପ୍ରସବ କରାଇବାକୁ ନର୍ସିଂହୋମ ପକ୍ଷରୁ ୮ ହଜାର ଟଙ୍କା ସରକାରୀ ଡାକ୍ତରଙ୍କୁ ଦିଆଯାଉଛି। ୨ ହଜାର ଟଙ୍କା ନର୍ସିଂହୋମକୁ ରେଫର କରିବା ପାଇଁ ଓ ୬ ହଜାର ଟଙ୍କା ପ୍ରସବ କରାଇବାକୁ ଦିଆଯାଉଛି। ଏଣୁ ଜିଲା ମୁଖ୍ୟ ଚିକିତ୍ସାଳୟର ଅନେକ ସ୍ତ୍ରୀ ରୋଗ ବିଶେଷଜ୍ଞ ନର୍ସିଂହୋମ ପ୍ରତି ଆକୃଷ୍ଟ ହୋଇ ଟଙ୍କା ରୋଜଗାର କରିବାରେ ଲାଗି ପଡିଛନ୍ତି। ସେହିଭଳି ନର୍ସଙ୍କ ରେଫର କରିବାରେ ସହଯୋଗ ଥିଲେ ୧ ହଜାର ଅନୁରୂପ ଭାବେ ପାଉଛନ୍ତି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସବ କରାଇବା ପାଇଁ ୩ରୁ ୩୦ ହଜାର ଟଙ୍କା ଲାଞ୍ଚ ଦେବାକୁ ପଡୁଛି। ଲାଞ୍ଚ ଟଙ୍କା ନର୍ସ, ଆଶାଙ୍କ ମଧ୍ୟସ୍ଥିରେ ଯାଉଥିବା ଅଭିଯୋଗ ହେଉଛି। ତେବେ ବାଲୁଗାଁର ଗର୍ଭବତୀ ମମତାଙ୍କ ମୃତ୍ୟୁ ଘଟଣାର ଲାଞ୍ଚ ସବୁ କିଛି ଓଲଟପାଲଟ କରି ପକାଇଛି। ଏହି ଘଟଣା ପରେ ଏବେ ସାମୟିକ ସମୟ ପାଇଁ ଲାଞ୍ଚ ନେବାରେ ଭୟର ବାତାବରଣ ଦେଖା ଦେଇଛି। ରୋଗୀ ମଧ ସରକାରୀ ଚିକିତ୍ସାଳୟକୁ ଯିବେ ନାହିଁ ଏବେ ଚିନ୍ତା କରୁଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ସୁଶାନ୍ତ କୁମାର ଦାସଙ୍କୁ ପଚାରିବାରେ ଗର୍ଭବତୀ ମମତା ସ୍ୱାଇଁଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ହେବ। ଡାକ୍ତରଙ୍କୁ ନିଲମ୍ବନ କରିବାର କ୍ଷମତା ଆମର ନାହିଁ। ସରକାର ଯାହା ପଦକ୍ଷେପ ନେବେ। ଆମେ ଘଟଣାର ଉପଯୁକ୍ତ ତଦନ୍ତ କରାଇ ସରକାରଙ୍କୁ ରିପୋର୍ଟ ଦେବୁ। ତେବେ ଗର୍ଭବତୀଙ୍କ ମୃତ୍ୟୁକୁ ନେଇ ସେହିଦିନ କାର୍ଯ୍ୟରେ କିଏ ଥିଲେ, କ'ଣ ଥିଲା ସେମାନଙ୍କର ପଦକ୍ଷେପ ସେନେଇ ମଧ ଯାଞ୍ଚ ହେବ। ନର୍ସମାନେ ମଧ ତଦନ୍ତ ପରିସର ଭୁକ୍ତ ହେବେ। ସେମାନଙ୍କ ଉପରେ ବି କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

# ରଥ ନିର୍ମାଣ ପାଇଁ ଦଶପଲ୍ଲାରୁ କାଠ ଗଲା ପୁରୀ



ପୁରୀ ରଥ ନିର୍ମାଣ ପାଇଁ ଦଶପଲ୍ଲାରୁ କାଠ ଯିବା ପାଇଁ ରଖାଯାଇଛି।

ଦଶପଲ୍ଲା, ୨।୬( ପ୍ରକାଶ କୁମାର ପାଣି)

ପୁରୀର ପ୍ରସିଦ୍ଧ ରଥଯାତ୍ରାର ରଥ ନିର୍ମାଣ ପାଇଁ ସୋମବାର ଦଶପଲ୍ଲା ବନାଞ୍ଚଳରୁ କାଠ ପୁରୀ ରଥ ଖଳାକୁ ପଠାଯାଇଛି। ପୋଖରୀ ଗୋଛା ବନାଞ୍ଚଳରୁ କାଠଗୁଡିକ ସଂଗ୍ରହ କରାଯାଇଥିଲା। ୨୦ ଟି ମଇ କାଠ ଏବଂ ୨୦ଟି ବଲ୍ଲା ପୁରୀ ଯାଇଥିବା ଜଣାଯାଇଛି। ରଥ ନିର୍ମାଣ ସହ ପାର୍ଶ୍ୱ ଦେବତା ନିର୍ମାଣ ପାଇଁ ଏହି କାଠ ଯାଇଥିବା ଜଣାଯାଇଛି। ଦଶପଲ୍ଲା ରେଞ୍ଜର ସୁମନ ମାଝୀଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର ରାକେଶ କୁମାର ସାହୁ ଓ ଆଲୋକ କୁମାର ଗୁରୁଙ୍କ ସମେତ ବନ କର୍ମଚାରୀ ଏହି କାଠଗୁଡିକୁ ସଂଗ୍ରହ କରିଥିବା ଜଣାଯାଇଛି।

# ନୀଳମାଧବ ମୋଟର କର୍ମଚାରୀ ସଂଘର ପ୍ରସ୍ତୁତି ବୈଠକ

## ଜୁନ ୨୨ରେ କର୍ମକର୍ତ୍ତା ନିର୍ବାଚନ

ଖଣ୍ଡପଡ଼ା,୨।୬(ଅଜୟ କୁମାର ମହାରଣା)

ଆଗାମୀ ସାଧାରଣ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ନିମନ୍ତେ କଣ୍ଟିଲୋ ନୀଳମାଧବ ମୋଟର କର୍ମଚାରୀ ସଂଘ ପରିଚାଳନା କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାର କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶରତ ଚନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ସାଧାରଣ ବାର୍ଷିକ ଅଧିବେଶନ ଓ ନୂତନ କର୍ମକର୍ତ୍ତା ନିର୍ବାଚନ କିପରି ଶୃଙ୍ଖଳାର ସହ ପରିଚାଳନା କରାଯିବ ସେ ନେଇ ଉପସ୍ଥିତ ସସ୍ୟମାନଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ସଂଘର ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ବାଇଧର ମିଶ୍ରଙ୍କ ଅକାଳ ବିୟୋଗ ଏବଂ ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁ ବରଣ କରିଥିବା ପର୍ଯ୍ୟଟକମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ରଜତ କୁମାର ଦାସ ଅନୁଷ୍ଠାନର ବାର୍ଷିକ ଆୟବ୍ୟୟ ପଠନ କରିବା ପରେ ଏହାକୁ ଦୃଢୀକରଣ କରାଯାଇଥିଲା। ତେବେ ନୀତି ବ୍ୟବସ୍ଥା କ୍ରମେ ଅନୁଷ୍ଠାନର କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଇତି ମଧ୍ୟରେ ଶେଷ ହୋଇଯାଇଥିବାରୁ ଆସନ୍ତା ୨୨ ତାରିଖରେ ସାଧାରଣ ସଭା ଓ ନୂତନ କର୍ମକର୍ତ୍ତା ନିର୍ବାଚନ ନିମନ୍ତେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# କେସେଣ୍ଡା ଗ୍ରାମରେ ହାତୀପଲଙ୍କ ଉତ୍ପାତ

ନୂଆଗାଁ, ୨।୬ (ଧନେଶ୍ୱର ସାହୁ)

ନୟାଗଡ ବନଖଣ୍ଡ ମହିପୁର ବନାଞ୍ଚଳ ଗୁମୀ ସେକ୍ସନ କେସେଣ୍ଡା ଗ୍ରାମରେ ରବିବାର ରାତିରେ ହାତୀପଲ ପଶି ଅନେକ କ୍ଷୟକ୍ଷତି କରିଛନ୍ତି। ମହିପୁର ବନାଞ୍ଚଳ ଅଧୀନରେ ଥିବା ବିଭିନ୍ନ ଜଙ୍ଗଲରେ ୧୦ ଓ ୯ ଟିକିଆ ୨ଟି ହାତୀପଲ ବୁଲୁଛନ୍ତି। ବର୍ତ୍ତମାନ ସମୟରେ ଆମ୍ବ ଏବଂ କାଜୁ ଫଳ ଉତ୍ପାଦନ ହେଉଥିବା ବେଳେ ଫଳ ବାସ୍ନାରେ ହାତୀମାନେ ଜନବସତି ଅଭିମୁଖେ ଚାଲି ଆସୁଛନ୍ତି। ଯାହାକୁ ନେଇ ଗ୍ରାମବାସୀ ଭୟଭୀତ ହୋଇ ପଡ଼ିଛନ୍ତି। ଫସଲ ନଷ୍ଟ କିମ୍ବା ଘର ଭାଙ୍ଗି ଦେବା ଭୟରେ ଗ୍ରାମବାସୀ ଦିନରାତି ଭୟରେ ଜୀବନ ଯାପନ କରୁଛନ୍ତି।

ସୂଚନା ମୁତାବକ, ରବିବାର ବିଳମ୍ବିତ ରାତ୍ରିରେ ୧୦ ଟିକିଆ ହାତୀପଲ ଗୁମୀ ସେକ୍ସନ ଅନ୍ତର୍ଗତ କେସେଣ୍ଡା ଗ୍ରାମକୁ ଯାଇ ଆମ୍ବ ଏବଂ କଦଳୀ ଗଛ ନଷ୍ଟ କରିଛନ୍ତି। ସୋମବାର ସକାଳୁ ବନ ବିଭାଗ କର୍ମଚାରୀମାନେ କେସେଣ୍ଡା ଗ୍ରାମରେ ପହଞ୍ଚି କ୍ଷତିଗ୍ରସ୍ତ ଲୋକମାନଙ୍କ ସହିତ ଆଲୋଚନା କରିଥିବା ଗୁମୀ ବନପାଳ ସୂଚନା ଦେଇଛନ୍ତି। ଏଥିସହ କ୍ଷତିଗ୍ରସ୍ତ ପରିବାରକୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ସ୍ଥଳେ ସହାୟତା ପ୍ରଦାନ କରାଯିବା ନେଇ ପ୍ରତିଶ୍ରୁତି ଦିଆଯାଇଛି। ହାତୀମାନଙ୍କ ଗତିପଥ ଉପରେ ବନ ବିଭାଗ ପକ୍ଷରୁ ନଜର ରଖାଯିବା ସହ ହାତୀପଲ ଯେକୌଣସି ଗ୍ରାମ ନିକଟକୁ ଆସିଲେ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ବନ ବିଭାଗକୁ ସୂଚନା ଦେବାକୁ କୁହାଯାଇଛି। ଏଥିସହ ହାତୀମାନଙ୍କ ପ୍ରତି ହିଂସ୍ର ଭାବନା କିମ୍ବା ଆକ୍ରମଣ କରିବାଠାରୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ରହିବାକୁ ସୂଚନା ଦିଆଯାଇଛି।



ହାତୀପଲ ନଷ୍ଟ କରିଥିବା କଦଳୀ ଫସଲ।

# ଖଣ୍ଡପଡ଼ା ବିଧାୟକଙ୍କ ଜନଶୁଣାଣି: ୨୪୮ ଅଭିଯୋଗ




ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଖଣ୍ଡପଡ଼ା,୨।୬,
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ଜନଶୁଣାଣି ଶିବିର ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ବଙ୍ଗଳା ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଖଣ୍ଡପଡ଼ା ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗଗୁଡିକ ଉପରେ ଶୁଣାଣି କରିଥିଲେ। ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ଟି ପଞ୍ଚାୟତ ଓ ଖଣ୍ଡପଡ଼ା ସହରର କେତେଜଣ ବ୍ୟକ୍ତି ଅଭିଯୋଗପତ୍ର ଧରି ସିଧାସଳଖ ବିଧାୟକଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଥିଲେ। ସର୍ବମୋଟ ୨୪୮ଟି ଅଭିଯୋଗପତ୍ର ଶିବିରରେ ଗ୍ରହଣ କରଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ, ଏନଏସି ଅଧକ୍ଷା ଆରତି ପ୍ରଧାନ, ଏବିଡିଓ ଝାଡେଶ୍ୱର ଦାସ, ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଅଭିଷାର ପଣ୍ଡା, କୃଷି ବିଭାଗ ଅଧିକାରୀ ଭବାନୀ ଶଙ୍କର ମିଶ୍ର, ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ କୁମାର ବଡସେଟ୍ଟ, କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଅଶ୍ୱିନୀ କୁମାର ଶାନ୍ତଙ୍କ ସମେତ ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଜଳସେଚନ ବିଭାଗର ଅଧିକାରୀ ଶିବିରରେ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଜନଶୁଣାଣି ଶିବିରରେ ୧୦୭ ଅଭିଯୋଗ

ନୟାଗଡ଼,୨।୬ (ଲୋକନାଥ ମିଶ୍ର)

ନୟାଗଡ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଏସ୍‌ପି ଏସ୍. ସୁଶ୍ରୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର, ସିଡିଏମ୍‌ଓ ସୁଶାନ୍ତ କୁମାର ଦାସ ପ୍ରମୁଖ ଅଭିଯୋଗ ଶୁଣିଥିଲେ। ଅଭିଯୋଗ ଶୁଣାଣିରେ ୧୦୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏଥିରୁ ୨୩ଟିରେ ସମାଧାନ ହୋଇଛି। ପଞ୍ଜିକୃତ ଅଭିଯୋଗ ମଧ୍ୟରୁ ୯୬ଟି ବ୍ୟକ୍ତିଗତ, ୪ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୭ଟି ଅଭିଯୋଗ ଥିବାବେଳେ ଏହାକୁ ସମାଧାନ କରାଯାଇଛି।




ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ଓଡଗାଁ ବନାଞ୍ଚଳ: ବାଣ୍ଟପୁର ଅଞ୍ଚଳରେ ହାତୀପଲ

## ଗ୍ରାମବାସୀଙ୍କୁ ସତର୍କ କଲା ବନ ବିଭାଗ



ବନ ବିଭାଗ ପକ୍ଷରୁ ମାଇକ ଯୋଗେ ଲୋକଙ୍କୁ ସତର୍କ କରାଯାଉଛି।

ଓଡ଼ଗାଁ,୨।୬ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ବନଖଣ୍ଡ ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ଗୋଛା ସଂରକ୍ଷିତ ଜଙ୍ଗଲ ସଂଲଗ୍ନ ବାଣ୍ଟପୁର ଅଞ୍ଚଳରେ ୯ ଟିକିଆ ବଣୁଆ ହାତୀପଲଙ୍କ ଉପସ୍ଥିତି ଗ୍ରାମବାସୀଙ୍କ ଆଖିରୁ ନିଦ ହଜେଇ ଦେଇଛି। ହାତୀ ଗାଁକୁ ପସି ଆସୁଥିବା ଯୋଗୁ ଗ୍ରାମବାସୀ ଭୟଭୀତ ହୋଇପଡୁଛନ୍ତି। ଓଡ଼ଗାଁ ବନାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ହାତୀ ସ୍କ୍ୱାଡ୍ ବିଭିନ୍ନସ୍ଥାନରେ ଜଗି ରହି ହାତୀମାନଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଅନ୍ୟପକ୍ଷରେ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକଙ୍କ ନିର୍ଦ୍ଦେଶରେ ବନରକ୍ଷୀ ସୌମ୍ୟ ରଞ୍ଜନ ଦଳେଇ ସ୍କ୍ୱାଡ୍‌ମାନଙ୍କୁ ସାଙ୍ଗରେ ନେଇ ଜଙ୍ଗଲ ସଂଲଗ୍ନ ବିଭିନ୍ନ ଗାଁକୁ ଯାଇ ଡାକବାଜି ଯନ୍ତ୍ର ଦ୍ୱାରା ଜଙ୍ଗଲକୁ ନ ଯିବା ନେଇ ଗ୍ରାମବାସୀଙ୍କୁ ସତର୍କ କରୁଛନ୍ତି। ରବିବାର ରାତିରେ ଗୌଡପୁଟ ପଞ୍ଚାୟତ କନ୍ଧ ନୂଆପଲ୍ଲୀ ଗାଁରେ ହାତୀପଲ ପଶି ଆତଙ୍କ ଖେଳାଇଥିବାବେଳେ ଗ୍ରାମବାସୀ ଓ ବନ କର୍ମଚାରୀ ସେମାନଙ୍କୁ ଜଙ୍ଗଲ ମଧ୍ୟକୁ ଘଉଡ଼ାଇ ଦେଇଥିଲେ। ହେଲେ ହାତୀପଲ ଯାଇ ନ ଥିଲେ। ରାତିରେ ହାତୀ ପଲ ଜଙ୍ଗଲ ମଧ୍ୟରେ ବିଚରଣ କରୁଥିବାବେଳେ ସେମାନେ କୁଆଡ଼କୁ ମୁହାଁଇବେ ଅନୁମାନ କରାଯାଇ ପାରୁନାହିଁ। ଫଳରେ ସଂରକ୍ଷିତ ଜଙ୍ଗଲର ଏବଂ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି।

# ଫାଳେ ଜଳୁଛି, ଫାଳେ ଅନ୍ଧାର




ନୟାଗଡ଼ ସଦର ମହକୁମା ମୁଖ୍ୟ ଫାଳେ ଜଳୁଥିବାବେଳେ ଫାଳେ ଅନ୍ଧାର ଅଛି।

## ୫-ଟି ଅନୁଦାନରେ ଫାଟକ ଆଲୋକୀକରଣ

ନୟାଗଡ଼,୨।୬ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସଦର ମହକୁମାରେ ଥିବା କାର୍ଯ୍ୟାଳୟଗୁଡିକର ମୁଖ୍ୟ ଫାଟକ ୫-ଟି ଅନୁଦାନରେ ନିର୍ମାଣ କରାଯାଇ ଆଲୋକୀକରଣ ବ୍ୟବସ୍ଥା କରାଯାଇଥିଲା। ହେଲେ ଏହାର ସ୍ଥିତି ଦେଖିଲେ ସରକାରୀ ଅନୁଦାନ ପାଣିରେ ପଡିଥିବା ଜଣାପଡିଛି। ନୟାଗଡ଼ ଟାଉନ ପୋଲିସ ଷ୍ଟେସନ ଓ ନୟାଗଡ଼ ଖେଳ ପଡ଼ିଆକୁ ପଡ଼ିଥିବା ରାସ୍ତାରେ ଥିବା ଫାଟକ ଫାଳେ ଜଳୁଥିବାବେଳେ ଫାଳେ ଅନ୍ଧାରରେ ରହିଛି। ଟାଉନ ପୋଲିସ ଷ୍ଟେସନ ଆଲୋକିତ ହୋଇ ରହୁଥିବାବେଳେ ପ୍ଲେ ଫିଲ୍ଡ ନୟାଗଡ଼ ଲେଖା ଅନ୍ଧାରରେ ରହୁଛି। ସେହିଭଳି ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ ଓ ନୟାଗଡ଼ ବ୍ଲକ କାର୍ଯ୍ୟାଳୟ ଫାଟକ ଆଲୋକୀକରଣ ସମ୍ପୂର୍ଣ୍ଣ ଅନ୍ଧକାର ରହିଛି। ନୟାଗଡ଼ ଏନ୍‌ଏସି ହାଇସ୍କୁଲ ଫାଟକରେ ଆଦୌ ଲାଇଟ୍ ବୋର୍ଡ ଲାଗି ନାହିଁ। ଲକ୍ଷାଧିକ ଟଙ୍କା ବ୍ୟୟ ପରେ ଏଭଳି ଅବ୍ୟବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି।

# ୭ ଘଣ୍ଟା ବିଳମ୍ବରେ ଜୀଉଙ୍କ ହେଲା ନୀତି

## ଶ୍ରୀନୀଳମାଧବ ମନ୍ଦିର ପରିସରରେ ସାଧୁଙ୍କ ମୃତ୍ୟୁ

ଖଣ୍ଡପଡ଼ା,୨।୬ (ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିର ପରିସରରେ ଦୀର୍ଘଦିନ ହେବ ରହି ଆସୁଥିବା ଜଣେ ସାଧୁଙ୍କ ସୋମବାର ମୃତ୍ୟୁ ଘଟିଛି। ମନ୍ଦିରର ବିଭିନ୍ନ ନୀତିକାନ୍ତି ପରିଚାଳନାରେ ବିଘ୍ନ ଘଟିଥିଲା। ଅପରାହ୍ନ ପ୍ରାୟ ଗୋଟାଏରେ ସକାଳ ନୀତି ଆରମ୍ଭ ହୋଇ ଯଥାରୀତି ନୀତି ପରିଚାଳନା ହୋଇଥିଲା।

ସୂଚନାଯୋଗ୍ୟ, ଦୀର୍ଘଦିନ ହେବ ନୀଳମାଧବ ଜୀଉଙ୍କ ମନ୍ଦିର ବେଢ଼ା ବାହାର ଗୁମ୍ଫାରେ ରହି ଆସୁଥିବା ଜନୈକ ସାଧୁ ଗୋବର୍ଦ୍ଧନ ଖଟୁଆ ଆଜି ସୋମବାର ସକାଳେ ମୃତ ଅବସ୍ଥାରେ ପଡି ରହିଥିଲେ। ସେବାୟତମାନଙ୍କଠାରୁ ସୂଚନା ପାଇ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ଖବର ନେବାରେ ଜଣା ପଡ଼ିଥିଲା, ମୃତ ସାଧୁଙ୍କ ଘର କଟକ ଜିଲା ବଡମ୍ବା ଥାନା ଗୋପୀନାଥପୁର ଗ୍ରାମରେ। ସାଧୁ ଜଣକ କୌଣସି କାରଣରୁ ନିଜ ଘରୁ ପଳାଇ ଆସି ନୀଳମାଧବ ମନ୍ଦିର ପରିସର ପଞ୍ଚାୟତ ଆସନ ଗୁମ୍ଫାରେ ରହି ସନ୍ନ୍ୟାସ ଜୀବନ ଯାପନ କରି ଠାକୁରଙ୍କ ଅଭ୍ୟାଗତ ପ୍ରସାଦ ସେବନ କରୁଥିଲେ। ଏଥିସହ ପ୍ରତ୍ୟେହ ଶ୍ରୀଜୀଉଙ୍କ ଦର୍ଶନରେ ଆସୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଦାନ ଦକ୍ଷିଣାରେ ଜୀବିକା ନିର୍ବାହ କରୁଥିଲେ। ତେବେ କିଛିଦିନ ହେବ ସେ ଅସୁସ୍ଥ ହୋଇପଡ଼ିବାରୁ ନୀଳମାଧବ ସେବାସୀମାନଙ୍କ ସହଯୋଗକ୍ରମେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଶୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଥିଲା। ତେବେ ଏହି ଅସମୟରେ ପାଖରେ କେହି ନିଜ ଲୋକ ନ ଥିବାରୁ ତାଙ୍କୁ ନିଜ ଘରକୁ ଚାଲିଯିବା ପାଇଁ ନୀଳମାଧବ ମନ୍ଦିର ପୂଜକମାନେ ପରାମର୍ଶ ଦେଇଥିଲେ ମଧ ସାଧୁ ଜଣକ ଅନିଚ୍ଛା ପ୍ରକାଶ କରିଥିଲେ।

ଆଶୁ ଚିକିତ୍ସା ପରେ ତାଙ୍କୁ ପୁନର୍ବାର ମନ୍ଦିର ଗୁମ୍ଫାକୁ ଫେରିବାକୁ ପଡିଥିଲା। ଏପରି ଅସୁସ୍ଥ ଅବସ୍ଥାରେ ସମ୍ପୃକ୍ତ ସାଧୁ ଜଣକ ସେଠାରେ ପଡ଼ି ରହିଥିବା ବେଳେ ସକାଳୁ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ସାଧୁଙ୍କ ସମ୍ପର୍କୀୟ ଲୋକ ଘଟଣାସ୍ଥଳରେ ପହଞ୍ଚିବା ପରେ ସେମାନଙ୍କ ଉପସ୍ଥିତିରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଏପରି ଅଭାବନୀୟ ପରିସ୍ଥିତିରେ ନୀଳମାଧବ ଜୀଉଙ୍କ ସମସ୍ତ ନୀତିକାନ୍ତି ବନ୍ଦ ହୋଇଯାଇଥିଲା। ମୃତଦେହ ସ୍ଥାନାନ୍ତର ପରେ ଅପରାହ୍ନ ୧ଟାରେ ଠାକୁରଙ୍କ ମହାସ୍ନାନ ନୀତି ପରେ ଠାକୁରଙ୍କ ନୀତି ସ୍ୱାଭାବିକ ହୋଇଥିଲା।

# ପ୍ରାଣୀ, ଲୋକଙ୍କ ଜୀବନ ପାଇଁ ସାଜିଛି ବିପଦ

## ଓଡ଼ଗାଁ ଏନ୍‌ଏସିରେ ମୁକୁଳା ଡ୍ରେନ

ଓଡ଼ଗାଁ,୨।୬
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଏନ୍‌ଏସି ଅଞ୍ଚଳରେ ଯାଇଥିବା ୨୧ ନମ୍ବର ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ସ୍ଥାନେ ସ୍ଥାନେ ରହୁଥିବା ମୁକୁଳା ଡ୍ରେନ ଦିନକୁଦିନ ଗୃହ ପାଳିତ ପ୍ରାଣୀ, ଲୋକଙ୍କ ଜୀବନ ନିମନ୍ତେ ବିପଦ ସାବ୍ୟସ୍ତ ହୋଇପଡିଛି। ବାରମ୍ବାର ଖବର ପ୍ରକାଶ ପାଇଥିଲେ ମଧ ଏ ନେଇ ଆଖିଦୃଶିଆ ସମାଧାନ ଦେଖିବାକୁ ମିଳୁନାହିଁ। ଓଡ଼ଗାଁ କଲେଜଠାରୁ ଫିଲ୍ଟ ହଲ ଛକ ପର୍ଯ୍ୟନ୍ତ ହେଉ ଅବା ଏନ୍‌ଏସିର ପ୍ରତ୍ୟେକ ୱାର୍ଡକୁ ଅନୁଧ୍ୟାନ କଲେ ସବୁଠାରେ ଏହି ମୁକୁଳା ଡ୍ରେନ ବିପଦ ସୃଷ୍ଟି ଉଦିଷ୍ଟ ଭଳି ମନେ ହେଉଛି। ବିଶେଷ କରି ମୁଖ୍ୟ ରାସ୍ତା ସହ ସଂଯୋଗ କରୁଥିବା ସାହି ରାସ୍ତା ଗୁଡ଼ିକରେ ଏଭଳି ଖୋଲା ଡ୍ରେନ ଅନେକ ମାତ୍ରାରେ ରହିଛି। ମୁଖ୍ୟ ରାସ୍ତା କଲେଜ ରୋଡରେ ବହୁ ମାତ୍ରାରେ ଏଭଳି ମୁକୁଳା ଡ୍ରେନମାନ ରହିଛି। ଫଳରେ ଅନେକ ସମୟରେ ସ୍କୁଲକୁ ଯାଉଥିବା ପିଲାମାନେ ଦୁର୍ଘଟଣାର ଶିକାର ହେବା ସହିତ ସାଇକେଲ ସହିତ ଡ୍ରେନ ଭିତରକୁ ଗଳିପଡୁଥିବା ନଜୀର ରହିଛି। ଏପରିକି ବେପରୁଆ ଭାବେ ଦିନରେ ବାହାରକୁ ଛାଡୁଥିବା ଗୃହ ପାଳିତ ଗୋରୁ ମଧ ଅନୁରୂପ ଢଙ୍ଗରେ ବୁଲୁବୁଲୁ ଡ୍ରେନ ମଧ୍ୟରେ ଖସି ପଡିଆନ୍ତି। ଏଭଳି ପରିସ୍ଥିତିରେ ଶନିବାର କଲେଜ ରୋଡ଼ର ରାଧା ମାଧବ ମନ୍ଦିର ସାମ୍ନାରେ ଘାସ ଚରୁଥିବା ଏକ ଗାଇ ବହୁଦିନ ଧରି ତଳେ ଝୁଲି ରହିଥିବା ଏକ କେବୁଲ ତାରରେ ଛନ୍ଦି ହୋଇ ମୁକୁଳା ଡ୍ରେନ ମଧ୍ୟରେ ଓଲଟି ଖସିଯିବା କାରଣରୁ ଅଣ ଓସାରିଆ ଡ୍ରେନ ମଧ୍ୟରେ ସିଧା ହୋଇ ନ ପାରି ମୃତବତ ପଡ଼ିରହିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହାୟତାରେ ଗାଈଟିକୁ ଉଦ୍ଧାର କରିଥିଲେ। ବର୍ଷାଦିନ ପୂର୍ବରୁ ଏହାକୁ ମରାମତି କରିବାକୁ ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।



ମୁକୁଳା ଡ୍ରେନରୁ ଷଣ୍ଢକୁ ଉଦ୍ଧାର କରାଯାଉଛି।

ଏ ପୃଥିବୀ ତିନିପ୍ରକାର ବିପ୍ଳବର କଥା ଜାଣିଛି। ବସ୍ତୁବାଦୀ ବିପ୍ଳବ ସବୁ ବହୁ ଶକ୍ତିଶାଳୀ ସଫଳତା ଅର୍ଜନ କରିଛନ୍ତି। ନୈତିକ ଓ ବୌଦ୍ଧିକ ବିପ୍ଳବଗୁଡିକ ମଧ୍ୟ ସେମାନଙ୍କର ପରିସର ଭିତରେ ବହୁଗୁଣରେ ଗଭୀର ସଫଳତା ଅର୍ଜନ କରିଛନ୍ତି। କିନ୍ତୁ ଆଧ୍ୟାତ୍ମିକ ଆନ୍ଦୋଳନ ପୃଥିବୀ ପାଇଁ ସୁଦୂରପ୍ରସାରୀ ଗଭୀର ସଫଳତା ଅର୍ଜନ କରିଛି। -ଶ୍ରୀଅରବିନ୍ଦ



# ପର ପ୍ରୀତି

ପରକୀୟା ପ୍ରୀତିଜନିତ ହତ୍ୟାକାଣ୍ଡ ଦିନକୁ ଦିନ ବଢ଼ି ଚାଲିବା ଦେଖିବାକୁ ମିଳୁଛି। ନିଜ ସ୍ୱାମୀ କିମ୍ବା ସ୍ତ୍ରୀଙ୍କ ବ୍ୟତୀତ ଅନ୍ୟ ସହ ପ୍ରେମ ସମ୍ବନ୍ଧ ନିବିଡ଼ ହେବା ବା ଶାରୀରିକ ସମ୍ପର୍କ ଗଭୀର ହେବା ପରେ ବିବାହ ବନ୍ଧନରେ ଆବଦ୍ଧ କୌଣସି ପକ୍ଷ ଭୟଙ୍କର ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ପାଟିତୁଣ୍ଡରେ ତାହା ସୀମିତ ନ ରହି ହତ୍ୟାକାଣ୍ଡଯାଏ କଥା ଯାଉଛି। ପୁଣି ହତ୍ୟାରେ ଏକାଧିକ ଲୋକଙ୍କୁ ସାମିଲ କରି ଦିଆଯାଉଛି। ଘରେ ପିଲାଛୁଆଙ୍କୁ ମତେଇ ତତେଇ ମା' ସେମାନଙ୍କ ପିତାଙ୍କୁ କିମ୍ବା ପିତା ସେମାନଙ୍କ ମାତାଙ୍କୁ ହତ୍ୟା କରୁଛନ୍ତି। ୩୧ ମେ'ରେ ନୟାଗଡ଼ ବନଖଣ୍ଡ ପଞ୍ଚରିଡ଼ା ରେଞ୍ଜ୍‌ର ଫରେଷ୍ଟରଙ୍କୁ ତାଙ୍କ ସ୍ତ୍ରୀ ଓ ପୁଅ ପେଟ୍ରୋଲ ଢାଳି ଜିଅନ୍ତା ଜାଳିଦେବା ଘଟଣା ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ସେହିପରି ସେହି ସମାନ ଦିନରେ ବିବାହ ବାହାର ସମ୍ପର୍କ ଯୋଗୁ ଅନୁଗୋଳ ଜିଲା କଣିହାଁ ଥାନା ମସୁରିହିତା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଗଳାକାଟି ହତ୍ୟା କରାଯାଇଛି। ପ୍ରାଣ ହରାଇଥିବା ବ୍ୟକ୍ତି ଅନ୍ୟ ଜଣଙ୍କ ସ୍ତ୍ରୀଙ୍କୁ ନେଇଆସି ୭ ମାସ ତଳେ ବିବାହ କରିଥିଲେ। ୨ ଜୁନ୍‌ରେ ଆଉ ଏକ ଘଟଣାରେ ଗଞ୍ଜାମ ଜିଲା ଗୋବିନ୍ଦପୁର ଗାଁରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ସ୍ତ୍ରୀ ଓ ଶ୍ୱଶୁର ପରକୀୟା ପ୍ରୀତି ଯୋଗୁ ହତ୍ୟା କରିଛନ୍ତି। ଏଭଳି ଘଟଣାର ତାଲିକା ପ୍ରସ୍ତୁତ କଲେ ତାହା ଲମ୍ବିଲା ଭଳି ଲାଗୁଛି।

୨୦୨୦ରେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଥିଲା ଯେ, ସେହି ବର୍ଷ ଘଟିଥିବା ମୋଟ ହତ୍ୟାରୁ ୧୦ ପ୍ରତିଶତରୁ ଅଧିକ ପ୍ରେମ ଓ ପରକୀୟା ପ୍ରୀତିଜନିତ କାରଣରୁ ହୋଇଥିଲା। ଏହି ଧରଣର କାର୍ଯ୍ୟକଳାପ ବଢ଼ିଚାଲୁଥିବାରୁ ହିଂସାକାଣ୍ଡ ବୃଦ୍ଧି ପାଉଥିବା ପାରିପାର୍ଶ୍ୱିକ ସ୍ଥିତି ଦେଖିଲେ ବୁଝାପଡ଼ିଯାଉଛି। ସାଧାରଣତଃ କ୍ରୋଧର ବଶବର୍ତ୍ତୀ ହୋଇ ତତ୍‌କ୍ଷଣାତ୍ ଜଣଙ୍କୁ ମାରିଦେବାର ନିଷ୍ପତ୍ତି ନେଉଥିବା ବ୍ୟକ୍ତିଙ୍କୁ ସାହିପଡ଼ିଶା କିମ୍ବା ପରିବାର ସହ ପରିଚିତ ବ୍ୟକ୍ତି 'ସେ ଠିକ୍ କରିଛି' ବୋଲି କହିବାକୁ ପଛାଇ ନ ଥାଆନ୍ତି। କାରଣ ସେମାନେ ଏଭଳି ସମ୍ପର୍କକୁ ଖରାପ ଦୃଷ୍ଟିରେ ଦେଖିଥାଆନ୍ତି। ଏମିତି ମଧ୍ୟ ହୋଇଥାଏ ଯେ ପରକୀୟା ପ୍ରୀତିରେ ଜଡ଼ିତ ବ୍ୟକ୍ତିଙ୍କୁ ମାରିଦେବା ଲାଗି ଅନେକେ ଉସ୍‌କାଇଥାଆନ୍ତି। ଏଭଳି କରାଗଲେ ସମସ୍ୟାର ସମାଧାନ ହୋଇଗଲା ବୋଲି ସାଧାରଣରେ ଧରିନିଆଯାଇଥାଏ। ହେଲେ ସେତେବେଳେ ସେମାନେ ପରିସ୍ଥିତିର ଭୟାବହତାକୁ ଦେଖି ବୁଝିପାରନ୍ତି ନାହିଁ। ଗରମ ମସ୍ତିଷ୍କରେ ନିଷ୍ପତ୍ତି ନେଇଥାଆନ୍ତି। ଜଣଙ୍କୁ ମାରିଦେଲେ ମୃତକଙ୍କ ଜୀବନରେ ପରିସମାପ୍ତି ଘଟିଗଲା। କିନ୍ତୁ କ୍ରୋଧରେ ଯିଏ ହିଂସାତ୍ମକ କାଣ୍ଡ ଭିଆଇଥାଆନ୍ତି, ତାଙ୍କୁ ଆଜୀବନ ଜେଲ ଜୀବନ ବିତାଇବାକୁ ପଡ଼ିଥାଏ। ଏହି ଯନ୍ତ୍ରଣା ସେହି ବ୍ୟକ୍ତିଙ୍କ ବାକିତକ ଆୟୁଷକୁ କୋରି ଖାଇଦେଇଥାଏ। ଏଥିସହିତ ସ୍ତ୍ରୀ ହୁଅନ୍ତୁ ବା ସ୍ୱାମୀ ତାଙ୍କ ପରିବାରକୁ ଜାଣତରେ ନଷ୍ଟ କରିଦେଇଥାଆନ୍ତି।

ପରକୀୟା ପ୍ରୀତି ଯୋଗୁ ଉପୁଜୁଥିବା ଏଭଳି ସାମାଜିକ ତଥା ପାରିବାରିକ ବିଶୃଙ୍ଖଳାର ଅନ୍ୟତମ ସମାଧାନ ବାଟ କହିଲେ ସମ୍ଭବତଃ ବିବାହ ବିଚ୍ଛେଦ ହୋଇପାରେ। ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନ ନ ମିଶିଲେ କିମ୍ବା ଉଭୟଙ୍କ ସମ୍ପର୍କରେ ଫାଟ ଦେଖାଦେଲେ ତାହା ସହଜରେ ବୁଜି ହୋଇ ନ ଥାଏ। ତେଣୁ ହିଂସାବାଟ ଅନୁସରଣ କରିବା ଅପେକ୍ଷା ପରସ୍ପରଠାରୁ ଦୂରେଇଯିବା ବିଜ୍ଞତାର ପରିଚୟ ହେବା କଥା। କେତେକ ଦମ୍ପତି ସ୍ଥଳବିଶେଷରେ ବିବାହ ବିଚ୍ଛେଦକୁ ଗ୍ରହଣ କରି ନେଇଥାଆନ୍ତି। ଅନ୍ୟପକ୍ଷରେ ଅପେକ୍ଷାକୃତ ଅନେକେ ଜିଦ୍‌ଖୋର ମନୋଭାବ ରଖି ହିଂସା ଘଟାଉଛନ୍ତି, ଯାହାର ପରିଣାମ ପର ପିଢ଼ିକୁ ଭୋଗିବାକୁ ପଡୁଛି।

**ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନ ନ ମିଶିଲେ କିମ୍ବା ଉଭୟଙ୍କ ସମ୍ପର୍କରେ ଫାଟ ଦେଖାଦେଲେ ତାହା ସହଜରେ ବୁଜି ହୋଇ ନ ଥାଏ। ତେଣୁ ହିଂସାବାଟ ଅନୁସରଣ କରିବା ଅପେକ୍ଷା ପରସ୍ପରଠାରୁ ଦୂରେଇଯିବା ବିଜ୍ଞତାର ପରିଚୟ ହେବା କଥା। କେତେକ ଦମ୍ପତି ସ୍ଥଳବିଶେଷରେ ବିବାହ ବିଚ୍ଛେଦକୁ ଗ୍ରହଣ କରି ନେଇଥାଆନ୍ତି। ଅନ୍ୟପକ୍ଷରେ ଅପେକ୍ଷାକୃତ ଅନେକେ ଜିଦ୍‌ଖୋର ମନୋଭାବ ରଖି ହିଂସା ଘଟାଉଛନ୍ତି, ଯାହାର ପରିଣାମ ପର ପିଢ଼ିକୁ ଭୋଗିବାକୁ ପଡୁଛି।**

# ସ୍ୱହସ୍ତେ ଜିହ୍ୱା ଛେଦନ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

"ଇତ୍ୟବସରରେ ବହୁ ବର୍ଷ ବିତିଗଲାଣି। ଆମେ ପାର୍ବତୀ ବିଷୟରେ ଜାଣି ନାହୁଁ। ସେ କେଉଁ ଅବସ୍ଥାରେ ଏବେ ଅଛି, ତା' ଜୀବନରେ ଆଉ କ'ଣ ଘଟିଛି, ତାହା ଜାଣିବା ପାଇଁ ମୁଁ ଆଗ୍ରହୀ ନୁହେଁ। କିନ୍ତୁ ଦେବଦାସ ପାଇଁ ମୋ ହୃଦୟ ଫାଟି ଯାଉଛି। ଯିଏ ଏହି ଉପନ୍ୟାସଟି ପଢ଼ିବ, ସେ ମୋ ପରି ଯନ୍ତ୍ରଣାଦଗ୍ଧ ହେବ। ତୁମେ ଯଦି କେବେ ଜାଣିବ ଯେ, ଏପରି ଜଣେ ଦୁର୍ଭାଗା ବ୍ୟକ୍ତି ଅଛି, ଯିଏ କି ଦେବଦାସ ପରି ଅପରିଣାମଦର୍ଶୀ, ଏକଜିଦିଆ, ଅନିୟନ୍ତ୍ରିତ ଓ ପାପୀ, ତେବେ ଈଶ୍ୱରଙ୍କୁ ପ୍ରାର୍ଥନା କର ଯେ, ଯେପରି କି ତା'ର ଯାହା ହେଉ ନା କାହିଁକି, ଅନ୍ତତଃ ଦେବଦାସ ପରି ତା'ର ମୃତ୍ୟୁ ନ ହେଉ। ମରଣ ତ ଅନିବାର୍ଯ୍ୟ। କିନ୍ତୁ ଶେଷ ନିଃଶ୍ୱାସ ବେଳକୁ ତା' ମୁଣ୍ଡ ଉପରେ କେହି ଆଦରର ସହ କୋମଳତାରେ କର ସଞ୍ଚାଳନ କରୁ, ଯଦ୍ୱାରା ସେ ସମ୍ମୁଖରେ ଲୁହ ଗଡ଼ାଉଥିବା ଜଣେ ଦୟାର୍ଦ୍ର ବ୍ୟକ୍ତିକୁ ଦେଖି ଶାନ୍ତିରେ ମରଣ ଲଭିବି।"

ଏହା ହେଉଛି ଶରତ ଚନ୍ଦ୍ରଙ୍କ ପ୍ରସିଦ୍ଧ ରୋମାଣ୍ଟିକ ଉପନ୍ୟାସିକା 'ଦେବଦାସ'ର ଶେଷ ଅନୁଚ୍ଛେଦ। ଏହି ବହିରେ ତିନୋଟି ମୁଖ୍ୟ ଚରିତ୍ର ହେଉଛି ପାରୋ (ପାର୍ବତୀ ଚକ୍ରବର୍ତ୍ତୀ ଚନ୍ଦ୍ରମୁଖୀ ଓ ନାୟକ ଦେବଦାସ ମୁଖାର୍ଜୀ)। ପାରୋ ଓ ଦେବଦାସ ବାଲ୍ୟକାଳରୁ ପରସ୍ପର ସହ ନିବିଡ଼ ଭାବେ ସଂପୃକ୍ତ। ବଡ଼ ହେବା ପରେ ସେମାନେ ବିବାହ କରିବାକୁ ଅତ୍ୟନ୍ତ ଆଗ୍ରହୀ ଥିଲେ। କିନ୍ତୁ ଉଭୟ ପରିବାରର ସାମାଜିକ ସ୍ଥିତି ମଧ୍ୟରେ ଏତେ ପାର୍ଥକ୍ୟ ଥିଲା ଯେ, ଏହା ଘଟିଲା ନାହିଁ। ପାରୋ ଘଟଣା ଚକ୍ରରେ ଗୋଟିଏ ଧନୀ ସନ୍ତାନ ଥିବା ବିପତ୍ନୀକ ବୟସ୍କ ଜମିଦାରକୁ ବିବାହ କଲା। ଦେବଦାସ ବିଫଳ ମନୋରଥରୁ ନିରାଶ ଓ ଦୁଃଖ-ଜର୍ଜରିତ ହୋଇ ମଦିରା ଏବଂ ବେଶ୍ୟାଳୟର ଆଶ୍ରୟ ନେଲା, ଅସହନୀୟ ମାନସିକ ବେଦନାରୁ ନିସ୍ତାର ପାଇଁ। ଏହି ସ୍ଥିତିରେ ଚନ୍ଦ୍ରମୁଖୀ ନାମ୍ନୀ ଗୋଟିଏ ହିତକାରିଣୀ, ସମ୍ବେଦନଶୀଳ ବେଶ୍ୟା ତା' ଜୀବନରେ ପ୍ରବେଶ କଲା ଏବଂ କୁପଥରୁ ତାକୁ ରକ୍ଷା କରିବାକୁ ପତ୍ନୀ ଭାବେ ଗ୍ରହଣ କରିବା ପାଇଁ ନିବେଦନ କଲା। ତେବେ ଏହି ପ୍ରସ୍ତାବ ଦେବଦାସ ପ୍ରତ୍ୟାଖ୍ୟାନ କଲା ପାରୋକୁ ତଥାପି ଭଲ ପାଉଥିବା ଯୋଗୁ। ପରିଶେଷରେ ସାଂଘାତିକ ଭାବେ ରୋଗାକ୍ରାନ୍ତ ହେବାରୁ ମରିବା ଆଗରୁ ପୂର୍ବ ପ୍ରତିଜ୍ଞା ଗୁଣବାନ ପାରୋକୁ ଦେଖିବ ବୋଲି ପାରୋର ଶ୍ୱଶୁର ଘର ଗାଁକୁ ବାହାରିଲା ଏବଂ ପାରୋର ଘର ପାଖରେ ପହଞ୍ଚିଲେ ସୁଦ୍ଧା ତାକୁ ଦେଖି ନ ପାରି ମୃତ୍ୟୁବରଣ କଲା। ଏପରି କି ପାରୋର ବ୍ୟାକୁଳ ଆଗ୍ରହ ସତ୍ତ୍ୱେ ଦେବଦାସକୁ ଶେଷ ଥର ଦେଖିବା ପାଇଁ ତା'ର ଶ୍ୱଶୁର ପକ୍ଷ କୌଣସି ସୁଯୋଗ ପାରୋକୁ ଦେଇ ନ ଥିଲେ। ସେହି ଅତିଶୟ ଥଣ୍ଡା ପାଗରେ ତା'ର ପରିତ୍ୟକ୍ତ ଶବ ଦୟନୀୟ ଭାବେ ରହିଥିଲା। ଏଣୁ ସମସ୍ତଙ୍କ ଘୃଣାର ପାତ୍ର ହୋଇ ମରିବା ଥିଲା ତା' କପାଳ ଲିଖନ।

ଏହି ଜନପ୍ରିୟ ଉପନ୍ୟାସର ବୈଶିଷ୍ଟ୍ୟତା ହେଉଛି: ତ୍ରିକୋଣ ପ୍ରେମ, ପ୍ରେମରେ ବ୍ୟର୍ଥତା,



ମଦିରା, ବେଶ୍ୟାଳୟରେ ଆଶ୍ରୟ ଓ ଅନ୍ତରେ ଅପବାଦିତ, ଶୋଚନୀୟ ମରଣ। ଏହା ଏକ ଢାଞ୍ଚା, ଯାହାକୁ ଅପରିବର୍ତ୍ତିତ ରଖି ବିଭିନ୍ନ ସ୍ରଷ୍ଟା ସ୍ୱକୀୟ ବିବରଣୀ ଦ୍ୱାରା ନୂତନ ସଂସ୍କରଣମାନ ସୃଷ୍ଟି କରିଛନ୍ତି। ଏହି ଉପନ୍ୟାସିକାରେ ପାରୋ ଲୋକପ୍ରିୟତା ସମ୍ପର୍କରେ ଧାରଣା ଜନ୍ମେ ଏବଂ ଏହାର ବିଭିନ୍ନ ଭାଷାରେ ଅନୁବାଦିତ ହୋଇ ମୁଦ୍ରିତ ହୋଇଛି ଏବଂ ଭାରତ ବାହାରେ ମଧ୍ୟ ଆଦର ରହିଛି। ଯେମିତି ୨୦୧୮ରେ ଚେକ୍ ଭାଷାରେ ଅନୁବାଦ।

ଏହି ବହିଟି ସମ୍ପର୍କରେ କିଛି ତଥ୍ୟ ଉପସ୍ଥାପନ କରାଯାଇପାରେ। ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ୧୯୦୧ରେ 'ଦେବଦାସ' ରଚନା କରିଥିଲେ। କିନ୍ତୁ ଏହାକୁ ତୁରନ୍ତ ପ୍ରକାଶ କରି ନ ଥିଲେ। ପରେ ପରେ ୧୯୦୩ରେ ତାଙ୍କର ପ୍ରଥମ ଉପନ୍ୟାସ 'ମନ୍ଦିର' ମୁକ୍ତିଲାଭ କଲା। ଏହି ବହିଟି ସେ ନିଜ ନାମରେ ନ ଲେଖି ତାଙ୍କ ମାମୁ ସୁରେନ୍ଦ୍ର ନାଥ ଗାଙ୍ଗୁଲିଙ୍କ ନାମରେ ପ୍ରକାଶ କରିଥିଲେ। ପ୍ରଶ୍ନ ଉଠିପାରେ ଦେବଦାସ କ୍ଷେତ୍ରରେ ଏମିତି ବ୍ୟତିକ୍ରମ କାହିଁକି ଦେଖାହେଲା? ତେବେ ଏହି ବିଳମ୍ବ ସମ୍ପର୍କରେ ଔପନ୍ୟାସିକଙ୍କ ଟିପ୍ପଣୀ ହେଉଛି ଯେ, ସେ ସେତେବେଳକୁ ଅପରିପକ୍ୱ ଥିଲେ। ପୁଣି ସେଥିରେ ସନ୍ନିବେଶିତ ଚରିତ୍ରମାନ, ବିଶେଷ ଭାବେ ଦେବଦାସ, ଅତ୍ୟଧିକ ଆବେଗର ବଶବର୍ତ୍ତୀ ହୋଇଥିବାରୁ ସେ ବହିଟି ଅଟକାଇ ରଖିଲେ। ସେ ଆଶଙ୍କା କରୁଥିଲେ ଯେ, ଏମିତି ଏକ ଅଭାବନୀୟ ପ୍ରତିକ୍ରିୟା ପାଠକମହଲରେ ଜାତ ହେବ, ଯେଉଁଥିପାଇଁ ତାଙ୍କୁ ଲଜ୍ଜିତ ହେବାକୁ ପଡ଼ିବ।

ବିଡ଼ମ୍ବନାର ବିଷୟ , ସେ ଯେଉଁ 'ଦେବଦାସ' ପୁସ୍ତକଟି ବଜାରରେ ଉପଲବ୍ଧ ହେବାକୁ ପଛଘୁଞ୍ଚା ଦେଇଥିଲେ, ପାଠକ ମହଲରେ ତାହା ଆଦୃତି ପାଇଲା। 'ଭାରତବର୍ଷ' ପତ୍ରିକାର ପ୍ରକାଶକ ଏବଂ ଶରତ ଚନ୍ଦ୍ରଙ୍କ ସାଙ୍ଗ ପ୍ରମଥନାଥ ଭଟ୍ଟ ପାଣ୍ଡୁଲିପିଟି ପଢ଼ିବା ପରେ ଶରତ ଚନ୍ଦ୍ରଙ୍କୁ ତାଙ୍କ ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶ କରିବା ସକାଶେ ପ୍ରବର୍ତ୍ତାଇଲେ। ଫଳରେ ୧୯୧୬ ମାର୍ଚ୍ଚ ଓ ଏପ୍ରିଲ୍ ମାସରେ ଏହା ପାଠକ ମହଲରେ ପ୍ରବେଶ କଲା। ଏହାର ପ୍ରଭୂତ ଜନପ୍ରିୟତା ଅପ୍ରତ୍ୟାଶିତ ଓ ଆଶ୍ଚର୍ଯ୍ୟଜନକ ଥିଲା। ତା' ପରବର୍ଷ ଏହା ବହି ଆକାରେ ମୁଦ୍ରିତ ହେଲା।

'ଦେବଦାସ'ରେ ଗୋଟିଏ ଚରିତ୍ର ହେଉଛି 'ପାରୋ' (ପାର୍ବତୀ)। ସେ ହାତିପୋତା ଗ୍ରାମର ଜମିଦାର ଭୁବନ ମୋହନ ଚୌଧୁରୀଙ୍କ ଦ୍ୱିତୀୟ ପତ୍ନୀ, ଯାହାଙ୍କର ପ୍ରଥମ ପତ୍ନୀଠାରୁ ଜନ୍ମିତ ତିନୋଟି ସନ୍ତାନ ଥିଲେ। କଥିତ ଅଛି ଯେ, ଶରତ ଚନ୍ଦ୍ରଙ୍କ ଉପନ୍ୟାସ ପାଇଁ ଖୋରାକ ଯୋଗାଇଥିଲା ଉକ୍ତ ବିବାହିତା ପାରୋ। ଏଥିପାଇଁ ସେ ବହୁବାର ସେଇ ଗ୍ରାମକୁ ଯାଇଥିଲେ। କିନ୍ତୁ ବାସ୍ତବତା ସହ କେବଳ ଏହି ଘଟଣାଟି ସୀମିତ ନ ଥିଲା। ହରିୟାଣାରୁ ପ୍ରଥମ ସାହିତ୍ୟ ଏକାଡେମି ପୁରସ୍କାର ବିଜେତା ବିଷ୍ଣୁ ପ୍ରଭାକର 'ଆୱାରା ମସୀହା' ନାମକ ଗୋଟିଏ ପୁସ୍ତକ ଶରତ ଚନ୍ଦ୍ରଙ୍କ ଜୀବନୀ ସମ୍ପର୍କରେ ଲେଖିଛନ୍ତି। ଏଥିପାଇଁ ସେ ବଙ୍ଗଳା, ବିହାର, ବର୍ମା, ମଧ୍ୟପ୍ରଦେଶର ଜବଲପୁରକୁ ଊଣିଶ ବର୍ଷ ଧରି ଯାତ୍ରା କରିଥିଲେ ତଥ୍ୟ ସଂଗ୍ରହ କରିବାକୁ। ତାଙ୍କ ଅନୁସନ୍ଧାନ ଅନୁସାରେ ଶରତ ଚନ୍ଦ୍ରଙ୍କ କୈଶୋର ଓ ଆଦ୍ୟ ଯୌବନ ଭାଗଲପୁରରେ କଟିଥିଲା। ସେତେବେଳେ ଧୀରୁ ନାମ୍ନୀ ତାଙ୍କର ଗୋଟିଏ ବାଳିକା-ବନ୍ଧୁ ଥିଲା, ଯାହା ଉପନ୍ୟାସରେ ପାରୋ ଭାବେ ବର୍ଣ୍ଣିତ। ତା' ପ୍ରତି ତାଙ୍କର ଆକର୍ଷଣ ମାତ୍ରାତିରିକ୍ତ ଥିଲା। ତାକୁ ଦେଖିବା ପାଇଁ ତା' ଶ୍ୱଶୁର ଘର ଗାଁକୁ ଯାଇ ଦୀର୍ଘ ସମୟ ଅପେକ୍ଷା କରୁଥିଲେ। ଭାଗଲପୁର ଜିଲା (ସଂପ୍ରତି)ର ଜୋଗସର ଜନପଦରେ ରହୁଥିବା କାଳୀଦାସୀ ଉପନ୍ୟାସରେ ଚନ୍ଦ୍ରମୁଖୀ ଭାବେ ଅବତୀର୍ଣ୍ଣ ହୋଇଛି। ପ୍ରକାଶଥାଉ କି, ଆଠ ବର୍ଷ ବୟସରେ ଶରତ ଚନ୍ଦ୍ର ଭାଗଲପୁରସ୍ଥିତ ମାମୁ ଘରକୁ ଆସି ସେଠାରେ ଦୀର୍ଘ ପଚିଶ ବର୍ଷ କଟାଇଥିଲେ।

ଏହି ଦୃଷ୍ଟିରୁ 'ଦେବଦାସ' ସମ୍ପୂର୍ଣ୍ଣ ଭାବେ ଆତ୍ମଜୀବନୀମୂଳକ ଉପନ୍ୟାସ ନ ହେଲେ ସୁଦ୍ଧା, ଏହା ଅର୍ଦ୍ଧ-ଆତ୍ମଜୀବନୀ ସମ୍ବଳିତ ବୋଲି କୁହାଯାଇ ପାରିବ। ଏହି ଧାରାରେ ଅବଶ୍ୟ ଅନେକ ବିଶ୍ୱପ୍ରସିଦ୍ଧ କାହାଣୀ ରଚିତ ହୋଇଛି। ଏଥିରେ ବାସ୍ତବ ଜୀବନର ନାମଗୁଡ଼ିକୁ ପରିବର୍ତ୍ତନ କରି, କିଛି ଘଟଣାକୁ କଳ୍ପନା ମାଧ୍ୟମରେ ରଙ୍ଗିନ ଓ ବଳିଷ୍ଠ କରି ଉପସ୍ଥାପନ କରାଯାଇଥାଏ।

ତେବେ ଏମିତି କ୍ଷେତ୍ରରେ ଯେଉଁମାନେ ଲେଖନୀ ଚାଳନା କରନ୍ତି, ସେମାନେ ତ ଉପନ୍ୟାସଟିଏ ଜନସମାଜକୁ ଭେଟି ଦେଇଥାନ୍ତି। କିନ୍ତୁ ତତ୍ ସହ ନିଜ ଅଜ୍ଞାତସାରରେ ସୃଷ୍ଟି କରିଥାନ୍ତି ପ୍ରକୃତ ଜୀବନରୁ ସମ୍ଭୂତ ଗୋଟିଏ ଭସ୍ମାସୁର। ଯେତେ ଲୁଚାଇଲେ ମଧ୍ୟ ଗୋଡ଼ ଦି'ଟା ଲୁଚି ନ ଥାଏ। ଏହାର ଝଲକ ଲୋକେ ଦେଖିପାରନ୍ତି।

ପୁରାଣରେ ଶିବ ନିଜ ବର ଦ୍ୱାରା ଯେଉଁ ଭସ୍ମାସୁର ସୃଷ୍ଟି କଲେ, ସେ ତାଙ୍କୁ ଭସ୍ମ କରିବାକୁ ଗୋଡ଼ାଇ ଥିଲା ଓ ଶିବ ଧାଇଁ ଧାଇଁ ପ୍ରାଣରକ୍ଷା ପାଇଁ ଅଣନିଃଶ୍ୱାସୀ ହୋଇଯାଇଥିଲେ। କିନ୍ତୁ ଲେଖକଙ୍କ ଦ୍ୱାରା ସମ୍ଭୂତ ଭସ୍ମାସୁରଟି କେବଳ ପଛପଟୁ ଗୋଡ଼ାଇବ ବୋଲି ନିଶ୍ଚିତ ନୁହେଁ, ସେ ଯେଉଁ କୌଣସି ପଟରୁ, ଏପରି କି ଅଦୃଶ୍ୟ ବାୟୁମଣ୍ଡଳରୁ, ଅତର୍କିତ ଭାବେ ଲେଖକ ସାମନାରେ ଆବିର୍ଭୂତ ହୋଇ ତା' ମନରେ ଭୟ ଜାତ କରେ। ହୁଏତ ବିଚରା ଲେଖକଟି ପଳାୟନ ପରି କର୍ମରେ ଲିପ୍ତ ହୋଇ ନ ଥାଏ, ତା' ଶରୀର ଅବଶ ହୋଇ ନ ପାରେ। କିନ୍ତୁ ଘର ଭିତରେ ବସି ରହିଥିଲେ ମଧ୍ୟ ତା'ର ହୃତ୍‌ସ୍ପନ୍ଦନ ତୀବ୍ର ହୁଏ। ସେ ସେତେବେଳେ ଅନୁଶୋଚନା କରେ; ମୁଁ କାହିଁକି ଗୋଟିଏ ଆତ୍ମ-ଜୀବନୀମୂଳକ ଉପନ୍ୟାସ ଲେଖିଲି।

**ବଡ଼ଖେମୁଣ୍ଡି ବଙ୍ଗଳା, ଉତ୍କଳ ଆଶ୍ରମ ମାର୍ଗ**
**ବ୍ରହ୍ମପୁର, ମୋ: ୯୦୭୮୭୪୩୮୪୩**

# ଗୃହଶତ୍ରୁ



ଲଳିତେନ୍ଦୁ ପଲାଉରୀ

ଇରାନର ଦକ୍ଷିଣ ପାର୍ଶ୍ୱ ଏବଂ ଆଫଗାନିସ୍ତାନର ଉତ୍ତର ପଶ୍ଚିମ ଭାଗରେ ଅବସ୍ଥିତ ପାକିସ୍ତାନର ସବୁଠୁ ବଡ଼ ପ୍ରଦେଶ ହେଉଛି ବେଲୁଚିସ୍ତାନ। ପାକିସ୍ତାନର ୪୪ ପ୍ରତିଶତ ଅଞ୍ଚଳ ପରିମିତ ବେଲୁଚିସ୍ତାନ ସୁନ୍ନି ମୁସଲମାନ ଓ ଆଦିବାସୀବହୁଳ। ବେଲୁଚିସ୍ତାନକୁ ଏକ ସ୍ୱତନ୍ତ୍ର ଦେଶ କରିବାକୁ ୧୯୪୭ ମସିହାରୁ ବେଲୁଚିବାସୀ ସଂଗ୍ରାମ କରୁଛନ୍ତି। ପାକିସ୍ତାନ ଏହି ଆନ୍ଦୋଳନକୁ ଭଣ୍ଡୁର କରିଚାଲିଛି। ଏହା ସହ ବେଲୁଚିସ୍ତାନରେ ପାକିସ୍ତାନ ସେନା ଓ ପୋଲିସର ଶୋଷଣ, ଦମନଲୀଳା, ମାନବାଧିକାର ଉଲ୍ଲଂଘନ ଜାରି ରହିଛି। ତେଣୁ ପାକିସ୍ତାନ ଭିତରେ ଥାଇ ମଧ୍ୟ ବେଲୁଚିବାସୀଙ୍କ ମନୋଭାବ ପାକିସ୍ତାନ ପ୍ରତି କଠୋର ରହିଆସିଛି। ପାକିସ୍ତାନ ଉପରେ ପ୍ରତିଶୋଧ ପାଇଁ ଏମାନେ ପାକିସ୍ତାନ ନେତା, ଆର୍ମି, ପୋଲିସ ଓ ଅଧିକାରୀଙ୍କ ଉପରେ ଆତ୍ମଘାତୀ ଆକ୍ରମଣ କରୁଛନ୍ତି। ଭାରତ ବିରୋଧରେ ପାକିସ୍ତାନର ପ୍ରାୟୋଜିତ ଆତଙ୍କବାଦକୁ ବିରୋଧ କରି ବେଲୁଚିବାସୀ ଭାରତକୁ ସମର୍ଥନ ଜଣାଇଛନ୍ତି। ପାକିସ୍ତାନ ତୁରନ୍ତ ପାକ୍ ଅଧିକୃତ କଶ୍ମୀର ଖାଲି କରୁ ଏନେଇ ଏମାନେ ଭାରତ ସହ ସ୍ୱର ମିଳାଇଛନ୍ତି। ସ୍ୱତନ୍ତ୍ର ବେଲୁଚିସ୍ତାନ ଗଠନ ପାଇଁ ଦୀର୍ଘ ବର୍ଷର ସଂଘର୍ଷ ସହ ଚଳିତ ବର୍ଷ ମେ ୯ରେ ବେଲୁଚିସ୍ତାନ ମୁକ୍ତିସେନା ବେଲୁଚିସ୍ତାନକୁ ସ୍ୱାଧୀନ ରାଷ୍ଟ୍ର ଭାବେ ଘୋଷଣା କରିଛି। ଯଦିଓ ଏହାକୁ ଅନ୍ତର୍ଜାତୀୟ ସ୍ୱୀକୃତି ମିଳିନି କିନ୍ତୁ ଆଗକୁ ସେମାନଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ସହ ଭାରତ ସମେତ ଜାତିସଂଘ ଓ ପାକିସ୍ତାନ ବିରୋଧୀ ରାଷ୍ଟ୍ରକୁ ସମର୍ଥନ ମାଗିଛନ୍ତି। ନୂଆଦିଲ୍ଲୀରେ ବେଲୁଚିସ୍ତାନର ଦୂତାବାସ ଖୋଲିବା ପାଇଁ ଅନୁରୋଧ କରିଛି ବେଲୁଚି ଲିବରେଶନ ଆର୍ମି (ବିଏଲ୍‌ଏ)।

୧. ଇଚ୍ଛୁକ ନିଲାମଧାରୀମାନେ ଉପରଦର୍ଶିତ ନିଲାମ ତାରିଖ ଦିନ ଉପରୋକ୍ତ ଶାଖାରେ ସେମାନଙ୍କର ପାନ୍ କାର୍ଡ ଏବଂ ଆଧାର କାର୍ଡ ସହିତ ଫଟୋଗ୍ରାଫ, ବୈଧ ଫଟୋ ପରିଚୟ ପତ୍ର ଏବଂ ଠିକଣା ପ୍ରମାଣ ପତ୍ର ସହିତ ଉପସ୍ଥିତ ରହିବେ। **୨.** ନିଲାମଧାରୀମାନେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ଅଳଙ୍କାର ଗୁଡ଼ିକର ଓଜନ ଏବଂ ବିଶୁଦ୍ଧତା ଇତ୍ୟାଦି ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍ ଏବଂ ଏ ବିଷୟରେ କୌଣସି ଆପତ୍ତି/ ଅଭିଯୋଗ/ଦାବି ନିଲାମ ପରେ ପ୍ରଶ୍ରୟ ଦିଆଯିବ ନାହିଁ। **୩.** ଇଚ୍ଛୁକ ନିଲାମଧାରୀ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ନିମନ୍ତେ ଅମାନତ ରାଶି **ଟ.୫,୦୦୦/- (ପାଞ୍ଚ ହଜାର ଟଙ୍କା)** କ୍ୟାସ/ବ୍ୟାଙ୍କ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ଆକାରରେ ଶାଖା ପ୍ରବନ୍ଧକଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ। **୪.** ଯଦି କୌଣସି ଏକ ନିର୍ଦ୍ଦିଷ୍ଟ ଅଳଙ୍କାର ନିମନ୍ତେ ଏକରୁ ଅଧିକ ନିଲାମଧାରୀ ଅଂଶଗ୍ରହଣ କରନ୍ତି ତେବେ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ। **୫.** ସଫଳ ନିଲାମଧାରୀମାନେ ସେମାନଙ୍କ ସପକ୍ଷରେ ନିଲାମ ଚୂଡ଼ାନ୍ତ ହେବା ପରେ ଉକ୍ତ ଦିନ କିମ୍ବା ପରବର୍ତ୍ତୀ କାର୍ଯ୍ୟ ଦିବସ ଦିନ ସମସ୍ତ ନିଲାମ ରାଶି ବ୍ୟାଙ୍କ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ / କ୍ୟାସ୍ ଆକାରରେ ସମ୍ପୃକ୍ତ ଶାଖାରେ ଦାଖଲ କରିବେ। **୬.** ଯଦି ସଫଳ ନିଲାମଧାରୀ ଧାର୍ଯ୍ୟ ୨୪ ଘଣ୍ଟା ମଧ୍ୟରେ ନିଲାମ ରାଶି ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କୁ କୌଣସି ସୂଚନା ନ ଦେଇ ଅମାନତ ରାଶି ସହିତ ଦାଖଲ ରାଶି ବାଜ୍ୟାପ୍ତି କରାଯିବ। **୭.** ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ କରିବା ପରେ ସର୍ବୋଚ୍ଚ ନିଲାମଧାରୀଙ୍କୁ **୭ ଦିନ** ମଧ୍ୟରେ ଅଳଙ୍କାର ହସ୍ତାନ୍ତରିତ କରାଯିବ। **୮.** ସଫଳ ନିଲାମଧାରୀଙ୍କୁ ଅଳଙ୍କାର ଥରେ ବିକ୍ରି ହୋଇଯିବା ପରେ କୌଣସି ପରିସ୍ଥିତିରେ ବ୍ୟାଙ୍କ ଦ୍ୱାରା ତାହା ଫେରସ୍ତ ନିଆଯିବ ନାହିଁ ଏବଂ ଏ ବାବଦରେ କୌଣସି ଦାବି/ ଅଭିଯୋଗ/ ବିବାଦକୁ ପ୍ରଶ୍ରୟ ଦିଆଯିବ ନାହିଁ। **୯.** ଅସଫଳ ନିଲାମଧାରୀଙ୍କୁ ନିଲାମ ପରେ ଅମାନତ ରାଶି ସଙ୍ଗେ ସଙ୍ଗେ ଫେରସ୍ତ କରାଯିବ। **୧୦.** ବିଳମ୍ବିତ ତାରିଖରେ ନିଲାମ ରାଶି ଗ୍ରହଣ କରିବା ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତା ଅଟେ। **୧୧.** ବ୍ୟାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ। **୧୨.** ବ୍ୟାଙ୍କ କୌଣସି କାରଣ ନଦର୍ଶାଇ କୌଣସି କିମ୍ବା ସମସ୍ତ ଅଳଙ୍କାରର ନିଲାମକୁ ଗ୍ରହଣ/ବାତିଲ/ସ୍ଥଗିତ/ରଦ୍ଦ/ବନ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛି ଏବଂ ବ୍ୟାଙ୍କ ଏ ବାବଦରେ କାହା ନିକଟରେ ଉତ୍ତରଦାୟୀ ନୁହନ୍ତି ଏବଂ ଅମାନତ ରାଶି ନିଲାମଧାରୀଙ୍କୁ ଫେରସ୍ତ କରାଯିବ। **୧୩.** ଦ୍ରଷ୍ଟବ୍ୟ ଏହି କି ଯେ ଋଣଗ୍ରହୀତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନ ଦେଇ ନିଲାମ ହୋଇନଥିବା ଅଳଙ୍କାରଗୁଡ଼ିକ ଅନ୍ୟ କୌଣସି ତାରିଖରେ ନିଲାମ କରାଯିବ। **୧୪.** ବ୍ୟାଙ୍କ ଅଳଙ୍କାର / କଏନ୍‌ର ବିଶୁଦ୍ଧତା / ଓଜନର କୌଣସି ଗ୍ୟାରେଣ୍ଟି ଦିଏନାହିଁ। **୧୫.** ଆଗ୍ରହୀ ନିଲାମଧାରୀମାନେ ସବିଶେଷ ବିବରଣୀ ନିମନ୍ତେ ସମ୍ପୃକ୍ତ ଶାଖା କିମ୍ବା କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱରର କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୨.୦୬.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

# ଅଭିଯୁକ୍ତମାନଙ୍କୁ ଧରିବାକୁ ସାହସ ଜୁଟୁନି



ଖଣିରୁ ଖୋଳାଯାଇଥିବା କ୍ରୋମାଇଟ୍।



ଜବତ ହୋଇଥିବା କ୍ରୋମାଇଟ୍ ବୋଝେଇ ଟ୍ରକ୍।

**ଯାଜପୁର/କାଳିଆପାଣି(ହର୍ଷବର୍ଦ୍ଧନ ବେହେରା/ଅସିତ ମହାନ୍ତ),୨।୬**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଭିମଟାଙ୍ଗର ବନ୍ଦ ଖଣିରୁ ଉଚ୍ଚମାନର କ୍ରୋମାଇଟ୍ ଚୋରାଚାଲାଣ ହେଉଥିବାବେଳେ ସପ୍ତାହେ ତଳେ ବନବିଭାଗ ଗୋଟିଏ ହାଇୱା ଓ ଗୋଟିଏ ଲୋଡିଂ ମେଶିନ ଜବତ କରିଥିଲା। ଏହି ଖଣିରୁ ପ୍ରାୟ ୩ କୋଟି ଟଙ୍କା ମୂଲ୍ୟର ୫୦ ଟ୍ରିପ୍‌ରୁ ଊର୍ଦ୍ଧ୍ୱ କ୍ରୋମାଇଟ୍ ଲୁଟ୍ ହୋଇଥିବା ସେତେବେଳେ ସୂଚନା ମିଳିଥିଲା। ହେଲେ ଆଜି ପର୍ଯ୍ୟନ୍ତ କ୍ରୋମାଇଟ୍ ଲୁଟ୍ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଧରିବାରେ ବନ ବିଭାଗ ସଫଳ ହୋଇପାରିନାହିଁ। ଲୁଟ୍ କ୍ରୋମାଇଟ୍ ସମ୍ପର୍କରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ରିପୋର୍ଟ ଦେଇ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ପୋଲିସ ଓ ଯାଜପୁର ରୋଡ୍ ଖଣି ଉପନିର୍ଦ୍ଦେଶକ (ଡିଡିଏମ୍) ମଧ୍ୟ ନୀରବି ଯାଇଥିବା ମନେହେଉଛି। ଲଗାତର ୫୦ ଟ୍ରିପ୍‌ରୁ ଊର୍ଦ୍ଧ୍ୱ କ୍ରୋମାଇଟ୍

**୩ କୋଟି ଟଙ୍କାର କ୍ରୋମାଇଟ୍ ଲୁଟ୍ ଘଟଣା**

ଚୋରାଚାଲାଣ ହେଇସାରିଥିବାବେଳେ ସେହି ଖଣି ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଓଏମ୍‌ସି, ପୋଲିସ କିମ୍ବା ଖଣି ବିଭାଗ ଏ ସମ୍ପର୍କରେ ଟେର୍ ନ ପାଇବା ସ୍ଥାନୀୟ ଅଞ୍ଚଳରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେହିପରି ରାଁସୋଳ ଫରେଷ୍ଟ ସେକ୍ସନ କାର୍ଯ୍ୟାଳୟଠାରୁ ୨୦୦ ମିଟର ଦୂରରେ ସବୁଦିନ କ୍ରୋମାଇଟ୍ ଚୋରାଚାଲାଣ ହେଉଥିବାବେଳେ ପୂର୍ବରୁ ବନବିଭାଗ କାହିଁକି ଚଢ଼ାଉ କରି ନ ଥିଲା ତାହା ମଧ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାବାଦ୍ ବନ ବିଭାଗ, ଖଣି ବିଭାଗ ଅଧିକାରୀ ଓ ପୋଲିସ ଅଭିଯୁକ୍ତମାନଙ୍କଠାରୁ ମୋଟା ଅଙ୍କର ହାତଗୁଞ୍ଜା ନେଇ ତଦନ୍ତ ପ୍ରକ୍ରିୟାକୁ ଜାଣିଶୁଣି ମନ୍ଥର କରୁଥିବା ଅଭିଯୋଗ ହେଉଛି। ସୁନ୍ଦରଗଡ଼ ଜିଲାରେ ଖଣି ଲୁଟ ଅଭିଯୋଗ ଉପରେ ତଦନ୍ତ ପ୍ରକ୍ରିୟାକୁ ଜୋରସୋର କରାଯାଇଥିବାବେଳେ ଯାଜପୁର ଜିଲାରେ କାହିଁକି ଏଭଳି ନୈରାଶ୍ୟଜନକ ପଦକ୍ଷେପ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏ ସଂକ୍ରାନ୍ତରେ ରାଁସୋଳ ଫରେଷ୍ଟର ରାମ ତିରିଆଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ହାଇୱା ଗାଡ଼ିର ମାଲିକଙ୍କ ସମ୍ପର୍କରେ ପରିଚୟ ମିଳିଛି। ଲୋଡିଂ ମେଶିନ ବିଷୟରେ ଆରଟିଓଙ୍କ ନିକଟରୁ ତଥ୍ୟ ମିଳିନାହିଁ। ଆବଶ୍ୟକ ତଥ୍ୟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଜଳସେଚନ ବିଭାଗ ପକ୍ଷରୁ ଦୁର୍ବଳ ନଦୀବନ୍ଧ ଚିହ୍ନଟ

**ଧର୍ମଶାଳା,୨।୬(ବଟକୃଷ୍ଣ ପରିଡ଼ା):**

ଓଡ଼ିଶାର ଦ୍ୱିତୀୟ ବୃହତମ ନଦୀ ଓ ତାର ଶାଖାନଦୀ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପ୍ରବାହିତ ହୋଇଛି । ଚଳିତ ବର୍ଷ ମୌସୁମୀ ଆଗୁଆ ଆସିବା ସହିତ ଅଧିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ବନ୍ୟାକୁ ଦୃଷ୍ଟିରେ ରଖି ଜାରକା ଜଳସେଚନ ଡ଼ିଭିଜନ ପକ୍ଷରୁ ଦୁର୍ବଳ ନଦୀବନ୍ଧ ଚିହ୍ନଟ କରାଯାଇ ଜିଲା ପ୍ରଶାସନକୁ ଓ ଏସ୍‌ଆର୍‌ସି କଟକକୁ ଡ଼ିଭିଜନ ଅବଗତ କରାଯାଇଛି ।

ଜାରକା ଜଳସେଚନ ଡ଼ିଭିଜନ ଅଧୀନରେ ବ୍ରାହ୍ମଣୀ, କେଲୁଅ, ଗେଙ୍ଗୁଟି ଓ ଖରସ୍ରୋତା ନଦୀରେ ବନ୍ୟା ପାଇଁ ୩୨୫ ପଏଣ୍ଟ୍ ୯୦ କିମି ନଦୀବନ୍ଧ ରହିଛି । ସେଥିମଧ୍ୟରୁ ଅଦର ଏଗ୍ରିକଲର ଏମାଙ୍ଗମେଣ୍ଟ(ଓଏଇ)ରେ ୧୧୫.୫୦କିମି, ଷ୍ଟେଟ୍ ରିଲିଫ୍ ଏମାଙ୍ଗମେଣ୍ଟ (ଟିଆର୍‌ଇ)ରେ ୧୫୭.୨୦ କିମି ଓ କ୍ୟାପିଟାଲ ଏମାଙ୍ଗମେଣ୍ଟରେ ୫୩ ପଏଣ୍ଟ ୨୦ କିମିର ମୋଟ ୩୨୫.୯୦ କିମି ନଦୀବନ୍ଧ ରହିଛି । ଏହି ଡ଼ିଭିଜନ ଅଧୀନ ବରୀ ସବ୍‌ଡ଼ିଭିଜନର ମିର୍ଜାପୁର-ରାମପୁର ଟିଆର୍‌ଇରେ ୩୦୦ମିଟର ଓ ଚଣ୍ଡିଖୋଲ ସବ୍‌ଡ଼ିଭିଜନ ଅଧୀନ ନିଆଳୀ-ହଳଧରପୁର ଟିଆର୍‌ଇରେ ୭୦୦ମିଟର ଓ କମ୍ପଗନ-ପାଲଟପୁର ଟିଆର୍‌ଇରେ ଏକ କିମିର ନଦୀ ବନ୍ଧ ଦୁର୍ବଳ ଥିବା ଚିହ୍ନଟ ହୋଇଛି । ବନ୍ୟା ମୁକାବିଲା ପାଇଁ ୮୦୦କିବିକ୍ ମିଟର ଓ ୫୦୦୦୦ ଖାଲି ବାଲି ବସ୍ତା ସଂରକ୍ଷିତ ରଖାଯାଇଛି । ଅନ୍ୟାନ୍ୟ ନଦୀବନ୍ଧଗୁଡ଼ିକ ବନ୍ୟା ମୁକାବିଲା ପାଇଁ ସୁରକ୍ଷିତ ରହିଛି । ବ୍ରାହ୍ମଣୀ ନଦୀର ଜେନାପୁରଠାରେ ୬୭ଫୁଟ୍ ବିପଦ ସଙ୍କେତ ଜଳସେଚନ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଛି । ବିପଦ ସଙ୍କେତରେ ବନ୍ୟା ପ୍ରବାହିତ ହେଲେ ମଧ୍ୟ ଧର୍ମଶାଳା ରସୁଲପୁର ବ୍ଲକ ଅଞ୍ଚଳ ପାଇଁ କୌଣସି ବିପଦ ନାହିଁ । ମାତ୍ର ବରୀରେ ଥିବା କେତେକ ଟିଆର୍‌ଇ ନଦୀବନ୍ଧ ପାଇଁ ବିପଦ ସୃଷ୍ଟି ହୋଇପାରେ ବୋଲି ଜାରକା ଜଳସେଚନ ଡ଼ିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଶିଶିର କୁମାର ଦାଶ ସୂଚନା ଦେଇଛନ୍ତି। ବନ୍ୟା ମୁକାବିଲା ପାଇଁ ଆବଶ୍ୟକ ବାଲି ଓ ବାଲି ବସ୍ତା ମହଜୁଦ୍ ରହିଛି ବୋଲି ସେ ସୂଚନା ଦେଇଛନ୍ତି ।

# ୨ ସଡ଼କ ଦୁର୍ଘଟଣା: ଯୁବ ବ୍ୟବସାୟୀ ମୃତ, ୩ ଆହତ



ଉମାକାନ୍ତ ପାତ୍ର।

**ରସୁଲପୁର,୨।୬(ରଞ୍ଜିତ ରାଉତ):**

ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଗୋପାଳପୁର ଛକ ନିକଟରେ ସୋମବାର ସଡ଼କ ଦୁର୍ଘଟଣାରେ ଯୁବ ବ୍ୟବସାୟୀ ପପୁ ଓରଫ ଉମାକାନ୍ତ ପାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଅପରାହ୍ନରେ ଘଟିଥିବା ଅନ୍ୟ ଏକ ଦୁର୍ଘଟଣାରେ ଗୋଟିଏ ପରିବାର ୩ଜଣ ଆହତ ହୋଇଛନ୍ତି । ଏକ କାରରେ ଗୋଟିଏ ପରିବାର କଟକରୁ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ଏକ ଆଇଚର ଗାଡିକୁ ତାଙ୍କ କାର ଧକ୍କା ଦେଇଥିଲା । ଏଥିରେ ବସିଥିବା ୩ଜଣ ବ୍ୟକ୍ତି ଆହତ ହୋଇଥିଲେ । ପୋଲିସ ସହାୟତାରେ ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଆହତକମାନଙ୍କ ପରିଚୟ ମିଳିପାରି ନାହିଁ ।

ତେବେ ମୃତ ଯୁବ ବ୍ୟବସାୟୀ ପପୁଙ୍କ ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ବଜାରରେ ତ୍ରିବେଣୀ ବସ୍ତ୍ରାଳୟ ନାମକ ଏକ ଦୋକାନ ରହିଛି । ସେ ଦୋକାନ ଖୋଲିବାକୁ ତାଙ୍କର ଯାଜପୁର ଟାଉନସ୍ଥିତ ବାସଭବନରୁ ବାଇକ୍ ଯୋଗେ ଆସୁଥିବା ସମୟରେ ତାଙ୍କ ପଛପଟୁ ଏକ ଟ୍ରକ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ଏ ସମ୍ପର୍କରେ ପୋଲିସ ଖବର ପାଇ ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି ।

# ସୁକିନ୍ଦାବାସୀଙ୍କୁ ଭୁଆଁ ବୁଲାଇବାକୁ ବିଜେଡି ଉଦ୍ୟମ କରୁଛି




ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

**କାଳିଆପାଣି,୨।୬(ଅସିତ ମହାନ୍ତ):**

ଆସନ୍ତା ୬ ତାରିଖରେ ବିଜେଡି ପକ୍ଷରୁ ଡୁବୁରୀଠାରେ କଳା ଦିବସ ପାଳନ କରାଯିବ ବୋଲି ପ୍ରସ୍ତୁତି ଚାଲିଛି । ଏହା ବିରୋଧରେ ସୁକିନ୍ଦା ଭାଜପା କର୍ମକର୍ତ୍ତାମାନେ ମୁହଁ ଖୋଲିଛନ୍ତି। ସୁକିନ୍ଦା ଭାଜପା କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ କହିଛନ୍ତି, ଗତ ୩୫ ବର୍ଷ ଧରି ଘଡେଇ ପିତାପୁତ୍ର ସୁକିନ୍ଦାରେ ଭୟର ବାତାବରଣ ସୃଷ୍ଟି କରି ଅନୈତିକ ଉପାୟରେ ନିର୍ବାଚନ ଜିତି ଆସୁଥିଲେ। କ୍ଷମତା ବଳରେ ହତ୍ୟା, ଗୁଣ୍ଡାରାଜ, ବଳାତ୍କାର ଭଳି ଅପରାଧ ସୃଷ୍ଟି କରି ଆଇନଶୃଙ୍ଖଳା ପରିସ୍ଥିତି ଜାରି ରଖିଥିଲେ। ଏଭଳି ବାତାବରଣର ସୁଯୋଗ ନେଇ ଦାଦାବଟି, ମାମୁଲି, କମିଶନି ଆଦାୟ କରି ଅନେକ କୋଟିର ମାଲିକ ହୋଇଥିବା ଘଡେଇ ପିତାପୁତ୍ରଙ୍କୁ ସୁକିନ୍ଦାବାସୀ ଗତ

**ବିଜେଡିର କଳା ଦିବସ ପ୍ରତିବାଦରେ ଭାଜପା ନେତା ମୁହଁ ଖୋଲିଲେ**

ନିର୍ବାଚନରେ ପ୍ରତ୍ୟାଖ୍ୟାନ କରିଥିଲେ। କ୍ଷମତା ଲୋଭି ଏହି ପିତାପୁତ୍ର ୧୧ମାସ କ୍ଷମତା ବାହାରେ ରହିବାକୁ ସହଜରେ ଗ୍ରହଣ କରି ପାରୁନାହାଁନ୍ତି। ଆଇନଶୃଙ୍ଖଳା ଓ ହିଂସାକାଣ୍ଡର ମିଥ୍ୟା ଦ୍ୱାହିଦେଇ ସେମାନେ ସୁକିନ୍ଦାବାସୀଙ୍କୁ ଭୁଆଁ ବୁଲେଇବାକୁ ଚେଷ୍ଟା କରୁଛନ୍ତି।

ଭଙ୍ଗା ଜିପ୍ ଧରି ୧୯୭୯ରେ ସୁକିନ୍ଦା ଆସିଥିବା ପ୍ରଫୁଲ୍ଲ ଘଡେଇ ଶ୍ରମିକ ସଙ୍ଗଠନ ନାମରେ ବାମପନ୍ଥୀ ଶ୍ରମିକ ସଙ୍ଗଠନର ହଟିଂ ପୋଡ଼ିରୁ ସୁକିନ୍ଦାରେ ହିଂସାକାଣ୍ଡର ମଞ୍ଜି ବୁଣିଥିଲେ। ଶ୍ରମିକନେତା ଶ୍ୟାମପଦ ରାଉତ ହତ୍ୟାକାଣ୍ଡରେ ସମ୍ପୃକ୍ତି ଅଭିଯୋଗରେ ୮୪ ଦିନ ଜେଲରେ ରହିବାଠାରୁ ଶୁକଦେବ, ଗୋପାଳ, ଟୋଲକାନି ହତ୍ୟାକାଣ୍ଡ, କାନ୍ତିରା ହତ୍ୟାକାଣ୍ଡ, ରାଜେଶ ତନ୍ତୀ ହତ୍ୟାକାଣ୍ଡ, କଳିଙ୍ଗନଗର ଆଦିବାସୀଙ୍କୁ ଗୁଳିକାଣ୍ଡ ଓ ବିରଜା ମୂର୍ତ୍ତି ବଦଳ, କୋରେଇରେ ବିଶିଷ୍ଟ କବି,ସାହିତ୍ୟିକ ହୁସେନ ରବି ଗାନ୍ଧୀଙ୍କୁ ମରଣାତ୍ମକ ଆକ୍ରମଣ, କଲେଜ ଛାତ୍ରୀ ବର୍ଷା ହତ୍ୟାକାଣ୍ଡ, ଜଖପୁରା ବୋମା ମାଡ଼ ପରି ଅନେକ ଘଟଣାରେ ଏହି ପିତାପୁତ୍ର ସମ୍ପୃକ୍ତି ଥିଲେ । ହେଲେ ଜଣେ ଜେଲ ଫେରନ୍ତାଙ୍କ ପାଇଁ ବିଜେଡି ଜୁନ୍ ୬ରେ ସୁକିନ୍ଦାରେ କଳାଦିବସ ପାଳନ କରିବାକୁ ଯାଉଛି । ଏହାର ପ୍ରକୃତ ଉଦ୍ଦେଶ୍ୟ ସୁକିନ୍ଦାବାସୀ ଜାଣି ସାରିଛନ୍ତି। ଆଉ ଭୁଆଁ ବୁଲାଇଲେ ସେମାନେ ଭ୍ରମିତ ହେବେ ନାହିଁ ବୋଲି ଏହି ଖବରଦାତା ସମ୍ମିଳନୀରେ ସୁକିନ୍ଦା ଓ ଦାନଗଦି ବିଧାୟକଙ୍କ ପ୍ରତିନିଧି ଯଥାକ୍ରମେ ଶେଖର ମହାନ୍ତି, ପ୍ରଶାନ୍ତ ରାୟ, ଶ୍ରମିକ ନେତା ଅମଳେନ୍ଦୁ ବେହୁରା, ରମଣୀ ରଞ୍ଜନ ବଳସାମନ୍ତ,ସୁଧାଂଶୁ ଭଞ୍ଜ, ପ୍ରତାପ ଧୀର ପ୍ରମୁଖ କହିଛନ୍ତି।

# ନିଖୋଜ ଯୁବକ ବନାରସରୁ ଉଦ୍ଧାର, ଥାନାରେ ପଚରାଉଚୁରା ଜାରି

**ରସୁଲପୁର,୨।୬(ରଞ୍ଜିତ ରାଉତ):**

କୁଆଖିଆ ଥାନା ଶ୍ରୀବନ୍ତପୁର ପଞ୍ଚାୟତ ବାଲାଙ୍ଗୀ ଗ୍ରାମର ଧନେଶ୍ୱର ସାମଲଙ୍କ ପୁଅ ପପୁନି ସାମଲ(୨୩) ୮ଦିନ ତଳେ କେଉଁଆଡେ ନିଖୋଜ ହୋଇଯାଇଥିଲେ। ପୋଲିସ ନିଖୋଜ ଯୁବକଙ୍କ ଫୋନ ନମ୍ବରକୁ ଟ୍ରାକିଂ କରି ତାଙ୍କୁ ଠାବ କରିବାରେ ସକ୍ଷମ ହୋଇଛି। ଯୁବକ ଜଣକ ବନାରସ ଅଞ୍ଚଳରେ ଥିବା ଜାଣି କୁଆଖିଆ ପୋଲିସ ସେଠାକାର ପୋଲିସ ସହ ଯୋଗାଯୋଗ କରିଥିଲା। କୁଆଖିଆ ପୋଲିସ ବନାରସ ପୋଲିସ ସହାୟତାରେ ସେହି ଯୁବକଙ୍କୁ ଆଣି ସୋମବାର ସନ୍ଧ୍ୟାରେ ଥାନାରେ ପହଞ୍ଚିବା ପରେ ପଚରାଉଚୁରା ଜାରି ରହିଛି ବୋଲି କୁଆଖିଆ ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

ସାବିତ୍ରୀ ଓଷା ଦିନ ପପୁନି ସ୍ତ୍ରୀର ବ୍ରତ ପାଇଁ ଫଳ ଓ ପୂଜା ସାମଗ୍ରୀ ବଜାରରୁ କିଣି ଘରକୁ ଆଣିଥିଲେ। ଗାଡିର କିସ୍ତି ଟଙ୍କା ଦେବା ପାଇଁ କହି ସେ ଘରୁ ଯାଇ ଆଉ ଫେରି ନ ଥିଲେ। ଏ ସମ୍ପର୍କରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବ ପରେ ଏକ ମାମଲା(ନଂ.୨୩/୨୫) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ହେଲେ ପରିବାର ଲୋକେ ପୋଲିସ ତଦନ୍ତରେ ଅସନ୍ତୋଷବ୍ୟକ୍ତ କରି କୁଆଖିଆ-ଜେନାପୁର ରାସ୍ତାର ବାଲାଙ୍ଗିଠାରେ ଧାରଣା ଦେଇଥିଲେ।



ବନାରସରୁ ଉଦ୍ଧାର ହୋଇଥିବା ପପୁନି।

ପପୁନିଙ୍କ ବାଇକ୍ ନିକଟସ୍ଥ କଣ୍ଡିଆକଣ ଗ୍ରାମ ପାଖରେ ଥିବା ଦୋକାନ ମାଲିକ ସାଉଁଟି ଜେନାଙ୍କ ପାଖରୁ ମିଳିଥିଲା। ଯୁବକ ନିଖୋଜ ପଛରେ ତାଙ୍କର ହାତ ଥିବା ପରିବାର ଲୋକ ଓ ପୋଲିସ ସନ୍ଦେହ ସୃଷ୍ଟି ହୋଇଥିଲା। ଦୋକାନୀକୁ ପୋଲିସ ଥାନାରେ ଅଟକ ରଖି ପରଚାଉଚୁରା କରିଥିଲା। ମାତ୍ର ତାଙ୍କଠାରୁ ପୋଲିସ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲା। ପୋଲିସ ତଦନ୍ତକୁ ବିରୋଧକରି ସ୍ଥାନୀୟ ଅଞ୍ଚଳର ମହିଳାମାନେ ରାସ୍ତାରେ ଧାରଣା ଦେଇଥିଲେ। ପୋଲିସ ଧାରଣାସ୍ଥଳରେ ପହଞ୍ଚି ନିଖୋଜ ଯୁବକଙ୍କୁ ତୁରନ୍ତ ଠାବ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା।

# ବୌଳେଶ୍ୱରଙ୍କ ପୀଠରେ ଶିବ ବିବାହ

**ଦଶରଥପୁର,୨।୬ (ସୁଶାନ୍ତ କୁମାର ବେହୁରିଆ):**

ଯାଜପୁର ଜିଲା ଦଶରଥପୁର ବ୍ଲକ ମଙ୍ଗଳପୁର ନାଲମଲିକ ପାଟଣା ଗ୍ରାମରେ ବାବା ବୌଳେଶ୍ୱରଙ୍କ ପୀଠରେ ଶିବ ବିବାହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବର ବୌଳେଶ୍ୱରଙ୍କ କର୍ତ୍ତା ଭାବେ ବରିଷ୍ଠ ଓକିଲ ତଥା ପାଲଟପୁରର ପ୍ରକାଶ ରାଉତ ଏବଂ ତାଙ୍କ ସ୍ତ୍ରୀ ସୁସ୍ମିତା ରାଉତ ଦାୟିତ୍ୱ ନିର୍ବାହ କରିଥିଲେ। କନ୍ୟା ପାର୍ବତୀଙ୍କ କର୍ତ୍ତାଭାବେ ଇସମାଇଲପୁର ଗ୍ରାମର ବିଜୟ ଦାସ ଦାୟିତ୍ୱ ସମ୍ପାଦନା କରିଥିଲେ। ବହୁ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଶୋଭାଯାତ୍ରା ମାଧ୍ୟମରେ ବର ଓ କନ୍ୟା ବୌଳେଶ୍ୱର ମନ୍ଦିର ନିକଟରେ ପହଞ୍ଚିବା ପରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ରଥୀ ମଲିକ, ଆଲୋକ ବାରିକ, ସନ୍ତୋଷ ମଲିକ, ସରୋଜ ମଲିକ, ଜିତେନ୍ଦ୍ର ମଲିକଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।



ଶିବ ବିବାହ ଉତ୍ସବରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

# ପ୍ରଶାସନିକ ଶୁଣାଣି ଶିବିରରେ ୧୫୨ ଅଭିଯୋଗ

**କେନ୍ଦ୍ରାପଡ଼ା, ୫।୫ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସହରର ଟାଉନ ହଲ୍‌ଠାରେ ପ୍ରଶାସନିକ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୫୨ଟି ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୧୨୩ଟି ଅଭିଯୋଗ ବ୍ୟକ୍ତିଗତ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ଭତ୍ତା, ରାଶନ କାର୍ଡ, ଚିକିତ୍ସା ସହାୟତା ଆଦି ରହିଥିଲା। ସେହିପରି ୨୯ଟି ସାମୂହିକ ଅଭିଯୋଗ ପତ୍ରରେ ଜମି ବିବାଦ, ପାନୀୟ ଜଳ, ରାଶନ ସାମଗ୍ରୀ ଯୋଗାଣ, ଶିକ୍ଷା ବ୍ୟବସ୍ଥା, କ୍ଷେତକୁ ଜଳ ପରିଚାଳନା, ଗ୍ରାମ୍ୟ ରାସ୍ତା ଜବରଦଖଲ ଆଦି ରହିଥିଲା। ଶୁଣାଣି ସମୟରେ କେତେକ ସମସ୍ୟାର ସମାଧାନ ହୋଇଛି। ଅବଶିଷ୍ଟ ଅଭିଯୋଗ ୭ ଦିନ ମଧ୍ୟରେ ସମାଧାନ ପାଇଁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମହାନ୍ତି ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କେତେଜଣ ହିତାଧିକାରୀଙ୍କୁ ରେଡ୍‌କ୍ରସ୍‌ରୁ ସହାୟତା ଓ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇଥିଲା। ଶିବିରରେ ଏସ୍‌ପି ସିଦ୍ଧାର୍ଥ କାଟାରିୟା, ଏଏସ୍‌ପି ଦେବାଶିଷ ଧଳ ଉପସ୍ଥିତ ଥିଲେ।

# ମାଟି ପକାଇ ଜଳ ନିଷ୍କାସନ ପଥ ଅବରୋଧ

**ପଟ୍ଟାମୁଣ୍ଡାଇ, ୨।୬ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ କଠିଆପଡ଼ା ଗ୍ରାମର ଜଳ ନିଷ୍କାସନ ପଥ ନୟନଯୋରିକୁ ଜଣେ ବ୍ୟକ୍ତି ଜବରଦଖଲ କରିବା ସହ ଯୁବକ ସଂଘ ଜାଗାକୁ ଅକ୍ତିଆରକୁ ନେଇ ଦୋକାନ ଘର ନିର୍ମାଣ କରି ବ୍ୟବସାୟରେ ଲଗାଇଛନ୍ତି। ଫଳରେ ବର୍ଷାଦିନେ ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇ ନ ପାରି ଜମି ରହୁଛି। ଏ ନେଇ ଗ୍ରାମବାସୀ ବାରମ୍ବାର ତହସିଲ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରି ଆସିଛନ୍ତି। ଏଠାରେ ଜବରଦଖଲକାରୀଙ୍କ ଯୋଗୁ ଆଇନ ଶୃଙ୍ଖଳା ବ୍ୟାହତ ହେଉଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ନଜର ନ ଦେବା ପରିତାପର ବିଷୟ ପାଲଟିଛି। ଫଳରେ ଶତାଧିକ ଗ୍ରାମବାସୀ ପ୍ରଶାସନ ଉପରୁ ବିଶ୍ୱାସ ହରାଇ ସୋମବାର ସକାଳ ୮ଟାରୁ କଠିଆପଡା ଆର୍‌ଆଇ କାର୍ଯ୍ୟାଳୟ ଆଗରେ ଧାରଣାରେ ବସି ରହିଥିଲେ। ମଧ୍ୟାହ୍ନ ସାଢ଼େ ୧୨ଟାରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ସରକାରୀ କାର୍ଯ୍ୟରେ ଥିବାରୁ ସୁପରଭାଇଜର ଧାରଣାସ୍ଥଳରେ ପହଞ୍ଚି ଧାରାଣାରତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ମାସେ ମଧ୍ୟରେ ସମସ୍ୟାର ସମାଧାନ



କାଠିଆପଡ଼ା ଆର୍‌ଆଇ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିବା ଲୋକମାନେ।

ହେବ ବୋଲି ଧାରଣାରତ ଲୋକମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣା ପ୍ରତ୍ୟାହୃତ କରିଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ୨୦୦୯-୧୦ରେ ଗ୍ରାମର ଯୁବବର୍ଗଙ୍କ ଦାବି ଫଳରେ ତତ୍କାଳୀନ ସରକାର ଗ୍ରାମର ଆବାଦୀ ଅନାବାଦୀ ଖାତା ନଂ. ୫୪୯, ପ୍ଲଟ୍ ନଂ. ୫୮୨ ରକବା- ୫୮୨/୨୦୩୬, ଏ୦.୧୬, ରକବାକୁ କାଠିଆପଡ଼ା ଯୁବକସଂଘ ନାମରେ ଆଇଟମେଣ୍ଟ ପ୍ଲଟ୍ ଖାତା ନଂ. ୫୫୨ ରକ୍ଷିତ ଖାତାରୁ ଜିଆର୍ କେସ୍ ନଂ. ୩/୧ରେ ଅଲଗା କରାଯାଇ ହସ୍ତାନ୍ତର ପାଇଁ ସ୍ଥିର କରାଯାଇଥିଲା। ମାତ୍ର

**■ ଉଚ୍ଛେଦ ଦାବିରେ କାଠିଆପଡ଼ା ଆର୍‌ଆଇ କାର୍ଯ୍ୟାଳୟ ଆଗରେ ଧାରଣା**
**■ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ**

ଜଣେ ବ୍ୟକ୍ତି ଜୋରଜବରଦସ୍ତ ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ଉକ୍ତ ଜାଗାରେ ୫୦୦ ବର୍ଗଫୁଟର ପକ୍କାଘର ତିଆରିକରି ବେପାର କରିବା ସହ ଜଳପଥକୁ ଅବରୋଧକରି ରଖିଛନ୍ତି। ଫଳରେ ଗ୍ରାମରେ ଅସନ୍ତୋଷ ସୃଷ୍ଟି ହେଉଛି। ଭବିଷ୍ୟତରେ ଏହାକୁ ନେଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ଯାହାର ନିରାକରଣ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଓ ଜବରଦଖଲ ଘଟଣାରେ ପ୍ରଶାସନର ତ୍ୱରିକ ପଦକ୍ଷେପ ଆଶାରେ ଗ୍ରାମର ଅଲେଖ ନାୟକ, ପାରେଶ୍ୱର ସେଠୀ, ରମେଶ ମଲିକ, ଉର୍ମିଳା ପାଢ଼ୀ, କୁବେର ପଣ୍ଡା, ରମାକାନ୍ତ ରାଉତ, ରଞ୍ଜନ ସାହୁ, ସନାତନ ନାୟକ, ରାଜେନ୍ଦ୍ର କର, ନୀଳକଣ୍ଠ କର, ବାସୁଦେବ ବେହେରା, ସସ୍ମିତା ସାହୁ, ଭମରବର ନାୟକ, ଭରତ ଦାସ, ଅଭିରାମ ମଲିକଙ୍କ ସମେତ ଶତାଧିକ ଗ୍ରାମବାସୀ କାଠିଆପଡ଼ା ଆର୍‌ଆଇ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ।

# ସ୍ନାତକ ପରୀକ୍ଷାଫଳ ପ୍ରକାଶ: ରତ୍ନଶ୍ରୀ ମିଶ୍ର ଶ୍ରେଷ୍ଠ ଟପ୍ପର

ଜଗତ୍‌ସିଂହପୁର, ୨।୬ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକ (ଯୁକ୍ତ ୩) କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଚଳିତବର୍ଷ ବିଜ୍ଞାନରେ ରତ୍ନଶ୍ରୀ ମିଶ୍ର ଟପ୍ପର ହେବା ସହ ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ମିଶ୍ର ମହାବିଦ୍ୟାଳୟ ଗଣିତ ସମ୍ମାନ ଛାତ୍ରୀ ଥିବାବେଳେ ସେ ୯.୭୨ ସିଜିପିଏ (କ୍ୟୁମ୍ୟୁଲେଟିଭ୍ ଗ୍ରେଡ୍ ପଏଣ୍ଟ ଆଭରେଜ୍) ରଖିଛନ୍ତି। ସେହିପରି ସଂସ୍କୃତ ସମ୍ମାନ ଛାତ୍ରୀ ସନ୍ଧ୍ୟା ଶ୍ରାବଣୀ ମହାରଣା କଳାରେ ଟପ୍ପର ହୋଇଛନ୍ତି। ସେ ଚଳିତ ପରୀକ୍ଷାରେ ୯.୩୨ ସିଜିପିଏ ରଖିଛନ୍ତି। ବାଣିଜ୍ୟରେ ମିର୍ଜା ରାହିଲ ବେଗ୍ ସର୍ବାଧିକ ୮.୭୬ ସିଜିପିଏ ନମ୍ବର ରଖି ଟପ୍ପର ହୋଇଛନ୍ତି। ବିବିଏରେ ସର୍ବାଧିକ ୮.୪୨ ସିଜିପିଏ ରଖି ଜନ୍ମେଜୟ ପରିଡ଼ା ଓ ବିସିଏରେ ୯.୧୩ ସିଜିପିଏ ରଖି ଫାଲଗୁନୀ ପ୍ରିୟଦର୍ଶିନୀ ମହାନ୍ତି ଟପ୍ପର ହୋଇଛନ୍ତି।


ରତ୍ନଶ୍ରୀ ମିଶ୍ର


ମିର୍ଜା ରାହିଲ ବେଗ୍


ସନ୍ଧ୍ୟା ଶ୍ରାବଣୀ ମହାରଣା


ଫାଲଗୁନୀ ପ୍ରିୟଦର୍ଶିନୀ ମହାନ୍ତି


ଜନ୍ମେଜୟ ପରିଡ଼ା

ମହାବିଦ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତବର୍ଷ କଳାରେ ମୋଟ ୨୨୯ ଜଣ ଛାତ୍ରୀଛାତ୍ର ଶେଷ ବର୍ଷ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୭୧, ଦ୍ୱିତୀୟ ୪୦ ଓ ଡିଷ୍ଟିଂଶନ୍ ୧୩୪ ଜଣ ପାଇଛନ୍ତି। ମୋଟ ୨୧୧ ଜଣ ପାସ୍ କରିଥିବାବେଳେ ଏହି ହାର ୯୨.୧% ରହିଛି। ଅନୁରୂପ ଭାବେ ବାଣିଜ୍ୟରେ ମୋଟ ୨୪୪ ଜଣ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୩୮, ଦ୍ୱିତୀୟ ୮୪ ଓ ଡିଷ୍ଟିଂଶନ୍ ୧୦୧ ଜଣ ପାଇଥିଲେ। ଏଥିରେ ୨୨୨ ଜଣ ପାସ୍ କରିଥିବାବେଳେ ଏହି ହାର ୯୦.୯% ରହିଛି। ବିଜ୍ଞାନରେ ୨୨୧ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୯୧, ଦ୍ୱିତୀୟ ୧୫ ଓ ଡିଷ୍ଟିଂଶନ ୧୨୧ ଜଣ ପାଇଛନ୍ତି। ମୋଟ ୨୦୬ ଜଣ ପାସ୍ କରିଥିବାବେଳେ ଏହି ହାର ୯୩.୨% ଥିବା ଜଣାଯାଇଛି। ବିବିଏରେ ୩୨ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୩, ଦ୍ୱିତୀୟ ୪, ଡିଷ୍ଟିଂଶନ୍ ୧୭ ଜଣ ପାଇଥିବାବେଳେ ୫ ଜଣ ଫେଲ୍ ହୋଇଥିଲେ। ଏହିପରି ମୋଟ ୨୭ ଜଣ ପାସ୍ କରିଥିବାବେଳେ ଏହି ହାର ୮୪.୪% ରହିଛି। ବିସିଏରେ ମୋଟ ୬୦ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୫୬, ଦ୍ୱିତୀୟ ୧, ଡିଷ୍ଟିଂଶନ୍ ୨୭ ଓ ଫେଲ୍ ୩ ଜଣ ହୋଇଥିଲେ। ଏହିପରି ମୋଟ ୫୭ ଜଣ ପାସ୍ କରିଥିବାବେଳେ ଏହି ହାର ୯୫% ଥିବା ଜଣାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁଜାତା ଓତା ପରୀକ୍ଷା ଫଳ ପୁସ୍ତିକାକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିବା ସହ ଛାତ୍ରୀଛାତ୍ରଙ୍କ ସଫଳତା ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପରୀକ୍ଷା ନିୟନ୍ତ୍ରକ ଡ. ମନୋଜା ମଞ୍ଜରୀ ସ୍ୱାଇଁ, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା, ଶୈକ୍ଷିକ ଅଧିକାରୀ ପ୍ରାଧ୍ୟାପକ ଅନନ୍ତ ଚରଣ ଆଚାର୍ଯ୍ୟ, ସହ ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ଅସିତ ରଞ୍ଜନ ମହାପାତ୍ର, ଉପ ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପିକା ଅମୃତା ମହାନ୍ତି, ଅଧ୍ୟାପକ ଅମିତାଭ ସ୍ୱାଇଁ, ବରିଷ୍ଠ ପ୍ରାଧ୍ୟାପକ ସତ୍ୟଜିତ ସାହୁ, ଅଧ୍ୟାପକ ବିବେକାନନ୍ଦ ରଣା, ମିଡିଆ ସେଲ ମୁଖ୍ୟ ଶୁଭେନ୍ଦୁ ମୌଳି ନନ୍ଦ, ଅଧ୍ୟାପକ ନୀହାର ରଞ୍ଜନ ସ୍ୱାଇଁ, କନିଷ୍ଠ ସହାୟକ ବିଶ୍ୱବିକାଶ ସ୍ୱାଇଁ, ମୁଖ୍ୟ କିରାଣି ରମେଶ ଚନ୍ଦ୍ର ଦାସ, ବିଶ୍ୱରଞ୍ଜନ ବାରିକ ଓ ଅସୀମ ଅମିତାଭ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

**ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ**
- କଳାରେ ସନ୍ଧ୍ୟା ଶ୍ରାବଣୀ ମହାରଣା,
- ବାଣିଜ୍ୟ ମିର୍ଜା ରାହିଲ ବେଗ୍, ବିବିଏ ଜନ୍ମେଜୟ ଓ ବିସିଏରେ ଫାଲଗୁନୀ ଟପ୍ପର


ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ କଲେଜ ପରିସରରେ ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ କରାଯାଉଛି।

# ୬ରେ ଥାନା ଆଗରେ ଧାରଣା ଦେବେ ସରପଞ୍ଚ , ସମିତି ସଭ୍ୟ

**ରାଜନଗରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ**

ରାଜନଗର, ୨।୬(ଭାସ୍କର ରାଉତରାୟ)

ରାଜନଗର ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ବିଗିଡ଼ିଗଲାଣି। ସାଧାରଣ ଲୋକ ଦୂରର କଥା ଲୋକ ପ୍ରତିନିଧିଙ୍କୁ ସମ୍ମାନ ମିଳୁନାହିଁ। ଲୋକ ପ୍ରତିନିଧିଙ୍କ ବଦଳରେ ସରକାରୀ ଦଳର କର୍ମୀଙ୍କ କଥା ଶୁଣାଯାଉଛି। ଏ ନେଇ ରାଜନଗର ବ୍ଲକର ସରପଞ୍ଚ ଓ ସମିତି ସଭ୍ୟମାନେ ଲିଖିତ ଭାବେ ଆଇଆଇସିଙ୍କୁ ଜଣାଇଛନ୍ତି। ଆସନ୍ତା ୬ ତାରିଖଠାରୁ ସରପଞ୍ଚ ଓ ସମିତି ସଭ୍ୟମାନେ ରାଜନଗର ଥାନା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିବେ ବୋଲି ଜଣାଇଛନ୍ତି। ୨୫ ରୁ ଉର୍ଦ୍ଧ୍ୱ ସମିତିସଭ୍ୟ ଓ ସରପଞ୍ଚଙ୍କ ଦସ୍ତଖତ ସମ୍ବଳିତ ଏହି ଲେଖା କେନ୍ଦ୍ରାପଡ଼ା ଜିଲାପାଳ, ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି।

ଏଥିସହ ରାଜନଗର ବ୍ଲକରେ ଥିବା ବାତ୍ୟା ଆଶ୍ରୟସ୍ଥଳଗୁଡିକର ଆସିଥିବା ଅର୍ଥ ରାଶିକୁ ସରକାରୀ ନୀତି ନିୟମ ଆଧାରରେ ବାତ୍ୟା କମିଟି ମରାମତି କାମ କରୁଥିବାବେଳେ କୌଣସି କାରଣ ନ ଥାଇ କେତେଜଣ ଯୁବକ ଜୋରଜବରଦସ୍ତ କାମ କରିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ହାତିନା ପଞ୍ଚାୟତ ପେଣ୍ଠ ବାତ୍ୟା ଆଶ୍ରୟସ୍ଥଳରେ ପରିଚାଳନା କମିଟିର ସଦସ୍ୟମାନେ କାମ କରୁଥିବାବେଳେ କେତେଜଣ ଯୁବକ ବାତ୍ୟା ଆଶ୍ରୟସ୍ଥଳରେ ରାତିରେ କବାଟ ଭଙ୍ଗି ପଶି ବିଭିନ୍ନ ସାମଗ୍ରୀ ଚୋରିକରି ନେଇଛନ୍ତି। ପରିଚାଳନା କମିଟି ପକ୍ଷରୁ ରାଜନଗର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉନାହିଁ।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ କୋର୍ଟ ଚାଲାଣ

ରଘୁନାଥପୁର, ୨।୬(ରାଜେନ୍ଦ୍ର ନାରାୟଣ ସିଂହ)


ସତ୍ୟବ୍ରତ ସାହୁ

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅଞ୍ଚଳରେ ଭଡା ଘରେ ରହି ନିଜ ପରିବାର ପ୍ରତିପୋଷଣ କରୁଥିବା ଜଣେ ବ୍ୟକ୍ତିଙ୍କ ନାବାଳିକା ଝିଅଙ୍କୁ ଶନିବାର ରାତିରେ ବଳାତ୍କାର କରାଯାଇଛି। ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ରଘୁନାଥପୁର ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ମଧ୍ୟରାତ୍ରିରେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ସତ୍ୟବ୍ରତ ସାହୁ (୩୩)। ଏ ନେଇ ଥାନାରେ ମାମଲା (ନଂ.୧୦୬/୨୫) ରୁଜୁ କରାଯାଇଛି। ରବିବାର ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି।

ସୂଚନାଯୋଗ୍ୟ, ପୀଡ଼ିତାଙ୍କ ଘର କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅଞ୍ଚଳରେ ହୋଇଥିବାବେଳେ ତାଙ୍କ ପରିବାର ରଘୁନାଥପୁର ଥାନା ଅଞ୍ଚଳରେ ଦୀର୍ଘଦିନ ହେବ ରହି ଆସୁଛନ୍ତି। ବାପା ଏଠାରେ ଦିନମଜୁରିଆ ଭାବେ କାର୍ଯ୍ୟ କରନ୍ତି। ଶନିବାର ଅଭିଯୁକ୍ତ ସତ୍ୟବ୍ରତ କୌଣସି ପ୍ରକାରେ ସମ୍ପୃକ୍ତା ନାବାଳିକାଙ୍କୁ ପ୍ରଲୋଭିତ କରି ସ୍ଥାନୀୟ ରେଳଲାଇନ ନିକଟସ୍ଥ ଏକ ଅନ୍ଧାରିଆ ସ୍ଥାନରେ ବଳାତ୍କାର କରି ଚାଲିଯାଇଥିଲେ। ଗୁରୁତର ଅବସ୍ଥାରେ ପୀଡ଼ିତା ଘରେ ପହଞ୍ଚି ପରିବାର ଲୋକଙ୍କୁ ଅବଗତ କରାଇବା ପରେ ତାଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହି ମାମଲାରେ ଜାମିନ୍ ପାଇଁ ଆଇନଜୀବୀ ଅନିଲ ଖଟୁଆ, ରାଜକିଶୋର ଖଟୁଆ ଓ ଦିପେନ୍ଦୁ ଖଟୁଆ ଆବେଦନ କରିଥିଲେ ମଧ୍ୟ ତାହା ନାମଞ୍ଜୁର ହୋଇଯାଇଛି। ଏହାପରେ ଅଭିଯୁକ୍ତ ସାହୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି।

# ଅବସରପ୍ରାପ୍ତ ସୈନିକଙ୍କୁ ଅଭିନନ୍ଦନ

**ଉତ୍କଳ ସେବା ନିବୃତ୍ତ ସେନା ସଂଘରେ ସାମିଲ**

ଜଗତ୍‌ସିଂହପୁର, ୨।୬ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ମରିଚିପୁର ନିବାସୀ କିଶୋର କୁମାର ମହାନ୍ତି ଦୀର୍ଘବର୍ଷ ଧରି ଭାରତୀୟ ସୈନ୍ୟବାହିନୀର ଜଣେ ଶୃଙ୍ଖଳିତ ସୈନିକ ଭାବେ କାମ କରି ନିକଟରେ ଅବସର ନେଇଛନ୍ତି। ଖବରପାଇ ଜଗତ୍‌ସିଂହପୁରସ୍ଥିତ ଉତ୍କଳ ସେବା ନିବୃତ୍ତ ସେନା ସଂଘ ସଭାପତି ସୋମନାଥ ମହାରଣା ଓ ଅନ୍ୟ କର୍ମକର୍ତ୍ତାମାନେ ମହାନ୍ତିଙ୍କ ବାସଭବନରେ ପହଞ୍ଚି ତାଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିବା ସହ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ଏହି ଅବସରରେ କିଶୋରଙ୍କ ସ୍ତ୍ରୀ ଜୟନ୍ତୀ ନାୟକ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସଂଘ ସଭାପତି ସୋମନାଥ ମହାରଣା, ସଂଯୋଜକ ଜଗନ୍ନାଥ ଦାଶ, ମିଡିଆ ପ୍ରଭାରୀ ବିଜୟ କୁମାର ରାଉତ, କୋଷାଧ୍ୟକ୍ଷ ବିପିନ ବିହାରୀ ମୁଦୁଲି, ଏକ୍‌ଜିକ୍ୟୁଟିଭ ସଦସ୍ୟ ସୁନାକର ମହାନ୍ତି, ପ୍ରଭାକର ମଲ୍ଲିକ, ସୟଦ ଲିୟାକତ ଅଲ୍ଲି, ଅରୁଣ ପ୍ରସାଦ ମହାନ୍ତି, ଦେବେନ୍ଦ୍ରନାଥ ମହାନ୍ତି, ବିଜୟ କୁମାର ଦାସ, ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘ ପକ୍ଷରୁ କିଶୋର କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ତେଲ ଟ୍ୟାଙ୍କରକୁ ଧକ୍କା ଦେଲା ମାଟି ବୋଝେଇ ହାଇୱା

**୨ ଚାଳକ ଆହତ**


ଦୁର୍ଘଟଣାରେ ଭାଙ୍ଗିଯାଇଥିବା ତେଲ ଟ୍ୟାଙ୍କର ଓ ହାଇୱା।

ଡେରାବିଶ, ୨।୬ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା ଅନ୍ତର୍ଗତ ଚଣ୍ଡିଖୋଲ–ପାରାଦୀପ ୫୩ ନଂ. ଜାତୀୟ ରାଜପଥର ଲକ୍ଷ୍ମୀନାରାୟଣପୁର ଛକ ନିକଟରେ ସୋମବାର ବେଆଇନ ଭାବେ ମାଟି ବୋଝେଇ କରି ଯାଉଥିବା ଏକ ହାଇୱା ସାମନା ପଟୁ ଆସୁଥିବା ଏକ ତେଲ ଟ୍ୟାଙ୍କରକୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ଉଭୟ ଗାଡିର ଚାଳକ ଆହତ ହୋଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ପୂର୍ବାହ୍ନରେ ବେଆଇନ ମାଟି ବୋଝେଇ ଥିବା ନଂ. ଓଆର ୦୪ ଜେ ୩୩୬୩ ହାଇୱା ନିଜ ପଟ ରାସ୍ତା ବଦଳରେ ଅପର ପଟ ରାସ୍ତାରେ ପାରାଦୀପ ଅଭିମୁଖେ ଯାଉଥିବା ନଂ. ଓଡି ୦୪ ୟୁ ୮୭୯୪ ତେଲ ଟ୍ୟାଙ୍କରକୁ ସାମନା ପଟୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଓଭୟ ଗାଡିର ସାମନା ପଟ ଅଂଶ ଭାଙ୍ଗି ରୁଜି ଯାଇଥିଲା। ସ୍ଥାନୀୟ ଲୋକ ତୁରନ୍ତ ଦୁର୍ଘଟଣାସ୍ଥଳକୁ ଯାଇ ଗାଡିରେ ବସି ରହିଥିବା ଉଭୟ ଚାଳକଙ୍କୁ ଉଦ୍ଧାର କରି ନିକଟସ୍ଥ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇ ଥିଲେ। ଖବର ପାଇ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡିକୁ ଜବତ କରିଥିଲା। ସେହିପରି ଖଣି ଅଧିକାରୀ ମାଟି ଚୋରା ଚାଲାଣ ନେଇ ଡେରାବିଶ ଥାନାରେ ଏତଲା ଦେବା ପରେ ଏତଲା ପୋଲିସ ନଂ. ୮୯/୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଡେରାବିଶ ତହସିଲ ଅଞ୍ଚଳରେ ନିର୍ଭୟରେ ନଦୀ ପଠା, ନାଳ ବନ୍ଧ ସମେତ ବିଭିନ୍ନ ସରକାରୀ ଜାଗାକୁ ତାଡି ମାଟି ଓ ବାଲି ହାଇୱା ଦ୍ୱାରା ବ୍ୟବସାୟୀମାନେ ଚୋରା ଚାଲାଣ କରୁଛନ୍ତି। ଏ ନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରୁଥିଲେ ସୁଦ୍ଧା ସେମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ୫୮ ଅଭିଯୋଗ


ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ଏରସମା, ୨।୬ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ସଭା ଗୃହରେ ସୋମବାର ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୮ ଅଭିଯୋଗ ହୋଇଥିଲା । ଏହି ଅବସରରେ ଆବାସ ଯୋଜନା ସମ୍ପର୍କିତ ୫, ରାଶନ କାର୍ଡ ୫, ଗୋଷ୍ଠୀଗତ ସମସ୍ୟା ୧୨, ବ୍ୟକ୍ତିଗତ ୪୬, ଜମିଜମା ୧୩, ଭତ୍ତା ୫, ଅନ୍ୟାନ୍ୟ ୧୫ ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ସେଥିରୁ ୪ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଶିବିରରେ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ଜିଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ରବି ନାରାୟଣ ଜେଠୀ, ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ବିଡିଓ ଦାଶରଥି ଜେନା, ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇ ଅଭିଯୋଗଗୁଡ଼ିକୁ ଶୁଣିଥିଲେ। ଅସହ୍ୟ ଝାଞ୍ଜି ଯୋଗୁ ପୂର୍ବାହ୍ନ ୧୦ଟାରେ ଶିବିର ବନ୍ଦ କରାଯାଇଥିବାରୁ ଅଭିଯୋଗକରୀଙ୍କ ସଂଖ୍ୟା କମିଥିବା କୁହାଯାଉଛି।

# ଐତିହ୍ୟାନୁରାଗୀଙ୍କ ପ୍ରାଚୀନ ମନ୍ଦିର ଅବଲୋକନ

**ଜଗତ୍‌ସିଂହପୁର ଐତିହ୍ୟ ପଦଯାତ୍ରାର ପଞ୍ଚମ ସଂସ୍କରଣ**

ରଘୁନାଥପୁର, ୨।୬(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଐତିହ୍ୟ ପଦଯାତ୍ରା ଅନୁଷ୍ଠାନ ପକ୍ଷରୁ ଐତିହ୍ୟାନୁରାଗୀଙ୍କ ପକ୍ଷରୁ ବିରିଡି ବ୍ଲକ ହାଜିପୁରସ୍ଥିତ ପୁରାଣବର୍ଣ୍ଣିତ ଅଷ୍ଟଶମ୍ଭୁ ମନ୍ଦିର, ପଞ୍ଚଦଶ ଶତାବ୍ଦୀର ଉତ୍କଳୀୟ ସିଦ୍ଧ ସାଧକ ପଞ୍ଚସଖାଙ୍କ ଧ୍ୟାନପୀଠ ଧାନକୁଦ ଓ ମଙ୍ଗୁଳି ପଞ୍ଚାୟତ ପାର୍ବତୀପୁର ଗ୍ରାମର ଶ୍ରୀଗୋପନାଥ ମନ୍ଦିର ପରିଦର୍ଶନ କରାଯାଇଥିଲା। ଶଶିଭୂଷଣ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପଦଯାତ୍ରାରେ ସଂଯୋଜକ ତଥା ଐତିହ୍ୟ ଗବେଷକ ଶ୍ରୀକାନ୍ତ ସିଂହ ପ୍ରାଚୀନ ମନ୍ଦିରର ଭଗ୍ନ କୀର୍ତ୍ତିରାଜି ଆଦି ଅବଲୋକନ କରିଥିଲେ। ଏହି ଅବସରରେ ସେ ମନ୍ଦିରର କାରୁକାର୍ଯ୍ୟ ଓ କିମ୍ବଦନ୍ତୀ ସହ ଜଡିତ ତଥ୍ୟ ପୂଜକଙ୍କଠାରୁ ଶୁଣିଥିଲେ। ଏହି ଅବସରରେ ଶ୍ରୀ ଗୋପୀନାଥ ମନ୍ଦିରରେ ବିଜୟ ପ୍ରସନ୍ନ ଦାସ, ହେମନ୍ତ ନାୟକ, ଆଦିତ୍ୟ ଘୋଷ ଓ ପୂଜକ ଗୟାଧର ପାଢ଼ୀଙ୍କ ଦ୍ୱାରା ଐତିହ୍ୟ ପଦଯାତ୍ରାର ପ୍ରଥମ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପରେ ଅନୁଷ୍ଠାନର ପ୍ରମୁଖ କାର୍ଯ୍ୟକର୍ତ୍ତା ବିଶ୍ୱରଞ୍ଜନ ଦେହୁରୀଙ୍କ ତତ୍ତ୍ୱାବଧାନରେ ଚାରା ରୋପଣ ସହ ମନ୍ଦିର ସଫେଇ କରାଯାଇଥିଲା। ଏଥିରେ ତ୍ରିଲୋଚନ ସ୍ୱାଇଁ, ସମ୍ବିତ ସିଂହ, ପ୍ରଭୁଦତ୍ତ ରାଉତ ଓ ଦେବାଶିଷ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପ୍ରାଚୀନ ଐତିହ୍ୟ କୀର୍ତ୍ତିରାଜିକୁ ସାର୍ବଜନୀନ କରିବା ପଦଯାତ୍ରାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବୋଲି ଗବେଷକ ସିଂହ ପ୍ରକାଶ କରିଛନ୍ତି।



ଜଗତ୍‌ସିଂହପୁର ଐତିହ୍ୟ ପଦଯାତ୍ରା ଅନୁଷ୍ଠାନର ସଦସ୍ୟମାନେ ଶ୍ରୀଗୋପନାଥ ମନ୍ଦିର ପରିଦର୍ଶନ କରୁଛନ୍ତି।

# ମାଟି, ମେଘର ମିଳନ ହେଉଛି ରଜ


କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ରଜ ମହୋତ୍ସବ ଉଦ୍‌ଘାଟିତ**

ଏରସମା, ୨।୬(ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଦେବୀ ପଡିଆରେ ରବିବାର ରାତିରେ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଉତ୍ସବରେ ଏମ୍‌ପି ବିଭୁପ୍ରସାଦ ତରାଇ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଗ୍ରାମାଞ୍ଚଳରେ ଏହି ପର୍ବର ଆକର୍ଷଣ ଅଧିକ, କାରଣ ମାଟି ଓ ମେଘର ମିଳନରେ ହିଁ ରଜ ପର୍ବ ଅନୁଷ୍ଠିତ ହୁଏ। ଏଥିରେ ଭାଜପା ଜଗତ୍‌ସିଂହପୁର ଜିଲା ସଭାପତି ପ୍ରତାପ କୁମାର ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗ ଦେଇ ସାମୂହିକ ଏକତା ରକ୍ଷା କରିବା ପାଇଁ ରଜ ଉତ୍ସବର ଆବଶ୍ୟକତା ରହିଛି ବୋଲି କହିଥିଲେ। କମିଟି ସଭାପତି ସମୀର ରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ଓ ସମ୍ପାଦକ ନିରାକାର ସ୍ୱାଇଁଙ୍କ ପରିଚାଳନାରେ ଆୟୋଜିତ ଏହି ସଭାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମହାନ୍ତି, ଭାଜପା ଓବିସି ମୋର୍ଚ୍ଚା କର୍ମକର୍ତ୍ତା ନୃସିଂହ ସାହୁ, ସାମାଜିକ କର୍ମୀ ସୁମନ ଖଟୁଆ, ସରପଞ୍ଚ ଦୀପକ କୁମାର ପରିଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଏଥିରେ ଧାରାବାହିକ କଳାକାର ମଧୁସ୍ମିତା ଓ ଶ୍ୱେତା ସାହୁଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଓଡ଼ିଶୀ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।

## ନୂତନ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦାୟିତ୍ୱ ଗ୍ରହଣ

ମୋହନା,(ମନ୍ମଥ ମିଶ୍ର): ଗଜପତି ଜିଲା ମୋହନା ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନରେ ସୋମବାର ନୂତନ ଅଧୀକ୍ଷଣ ଯନ୍ତ୍ରୀ ରୂପେ ଇଂ.ଦୀପକ ପାଣିଗ୍ରାହୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ମୋହନାରେ ଥିବା ଅଧୀକ୍ଷଣ ଯନ୍ତ୍ରୀ ଇଂ.ଉମାଶଙ୍କର ମଲ୍ଲିକଙ୍କ ଏଠାରୁ ବାଲେଶ୍ୱର ଜଳାର ଜଳେଶ୍ୱରକୁ ବଦଳି ହୋଇଛି। ଇଂ ପାଣିଗ୍ରାହୀ ଏହା ପୂର୍ବରୁ ଭଦ୍ରକ ପୂର୍ତ୍ତ ବିଭାଗରେ କାର୍ଯ୍ୟରତ ଥିଲେ। ଦାୟିତ୍ୱ ଗ୍ରହଣ ପରେ ସେ ମୋହନା ଅଞ୍ଚଳରେ ବିଭାଗ ଦ୍ୱାରା ହେଉଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ବିଭାଗୀୟ ଅଧିକାରୀମାନଙ୍କ ସହ ବୁଲି ଦେଖିଛନ୍ତି।

**ସଂକ୍ଷେପରେ**

## ବ୍ୟାଟମିଣ୍ଟନ ତାଲିମ ଶିବିର ଉଦ୍‌ଯାପିତ

ଦିଗପହଣ୍ଡି,୨।୬ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖି ଇଣ୍ଡୋର ଷ୍ଟାଡିୟମ ପରିସରରେ ଚାଲିଥିବା ଗ୍ରୀଷ୍ମକାଳୀନ ବ୍ୟାଟମିଣ୍ଟନ ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଛି। ପ୍ରଶିକ୍ଷକ ନୀଳମାଧବ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବିଧାୟକ ଡ଼.ସିଦ୍ଧାନ୍ତ ମହାପାତ୍ର, ବିଡ଼ିଓ ଅନାମିକା ପାଣ୍ଡେ ଏବଂ ଏନ୍‌ଏସି ଅଧକ୍ଷ ପ୍ରଫୁଲ ପଣ୍ଡା ଅତିଥିଭାବେ ଯୋଗଦେଇ ୫୦ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ବଣ୍ଟନ କରିଥିଲେ। ବାଳିକା ବିଭାଗରେ ସ୍ୱିଟି ଏବଂ ଶିଖା, ବାଳକ ବିଭାଗରେ ରିଷଭ ଏବଂ ଦେବାଶିଷ ଶ୍ରେଷ୍ଠ ପ୍ରତିଭା ଭାବେ ବିବେଚିତ ହୋଇଛନ୍ତି ।

## ଓଡ୍ରଖଣ୍ଡାୟତ କାଳିଞ୍ଜି ସମାଜ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

କବିସୂର୍ଯ୍ୟନଗର,୨।୬(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଏମ. ଚମ୍ପେୟତ ଶିବମନ୍ଦିର ପ୍ରାଙ୍ଗଣରେ ଓଡ୍ରଖଣ୍ଡାୟତ କାଳିଞ୍ଜି ସମାଜର ଶ୍ରୀଶ୍ରୀ ସିଦ୍ଧେଶ୍ୱର ଆଞ୍ଚଳିକ ପରିଷଦର କର୍ମକର୍ତ୍ତା ଚୟନ ଓ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି । ଆଞ୍ଚଳିକ ସଭାପତି ମହେଶ୍ୱର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ରୂପେ ସଭାପତି ସନ୍ତୋଷ ଜେନା, ସମ୍ମାନିତ ଅତିଥି ରୂପେ ଉପସଭାପତି ବୃନ୍ଦାବନ ଖଟେଇ, ପରିଷଦ ସମ୍ପାଦକ ନୀଳାଞ୍ଚଳ ପୋଲାଇ, କୋଷାଧ୍ୟକ୍ଷ ବିଭୂତି ଭୂଷଣ ଜେନା, ଉପଦେଷ୍ଟା କାଳିଚରଣ ନାୟକ, ନିମନ୍ତ୍ରିତ ସଭ୍ୟ ଜଗବନ୍ଧୁ ଜେନା ଯୋଗ ଦେଇଥିଲେ। ଆଞ୍ଚଳିକ ପରିଷଦ ଅନ୍ତର୍ଗତ ୫୪ଟି ଗ୍ରାମ୍ୟ କମିଟି ସଦସ୍ୟଙ୍କୁ ମୁଖ୍ୟ ଅତିଥି ବିଧାୟକ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଯୋଗୀନ୍ଦ୍ର ବିଷୋୟୀ, ଉପସଭାପତି ମହେଶ୍ୱର ଭୂୟାଁ, ସମ୍ପାଦକ ପ୍ରକାଶ ଚନ୍ଦ୍ର ଭୂୟାଁ, ସଙ୍ଗଠନ ସମ୍ପାଦକ ମନୋଜ ପ୍ରଧାନ, ସଙ୍ଗଠକ ଗୌରୀ ସାମନ୍ତରା, କୋଷାଧ୍ୟକ୍ଷ ପ୍ରଭାକର ନାୟକ ଓ ଉପଦେଷ୍ଟା ରୂପେ ନୀଳାଞ୍ଚଳ ସ୍ୱାଇଁଙ୍କୁ ଚୟନ କରାଯାଇଥିଲା । ଖଜାପଲ୍ଲୀ ସରପଞ୍ଚ ପ୍ରତିନିଧି ହୃଦାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ୪୧ବରପୁତ୍ରଙ୍କ ପ୍ରତିମୂର୍ତ୍ତି ୫ରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ରମ୍ଭା,୨।୬(ବନବାସୀ ସେଠୀ)

ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜଙ୍କ ଅଧକ୍ଷତାରେ ସୋମବାର ୪୧ ଜଣ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୯୦୨, ୧୯୦୩ରେ ତତ୍କାଳୀନ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଦେଓଙ୍କ ଆହ୍ୱାନରେ ରମ୍ଭା ରାଜବାଟିରେ ଉତ୍କଳର ବରପୁତ୍ରମାନଙ୍କ ଏକ ବୈଠକ ହୋଇଥିଲା। ଓଡିଶା ପ୍ରଦେଶ ଗଠନ, ଭାଷା, ସାହିତ୍ୟ, ସଂସ୍କୃତିକୁ ଅଭିବୃଦ୍ଧି କରିବା ପାଇଁ ଏଥିରେ ଆଲୋଚନା କରାଯାଇଥିଲା। ଏହି ପରପୁତ୍ରମାନଙ୍କ ସ୍ମୃତିରେ ନିର୍ମିତ ପ୍ରତିମୂର୍ତ୍ତିକୁ ଚଳିତ ମାସ ୫ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବାଣିଜ୍ୟ ପରିବହନ ଖଣିଜ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରମୁଖ ଯୋଗଦେବାକୁ ସମ୍ମତି ପ୍ରକାଶ କରିଥିବା ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡା କହିଛନ୍ତି। ବୈଠକରେ ରମ୍ଭା ହାଇସ୍କୁଲର ପୁରାତନ ଛାତ୍ରୀଛାତ୍ର, ପୂଜ୍ୟପୂଜା ସଂସଦ, ଉତ୍କଳ ସ୍ୱାଭିମାନ ମଞ୍ଚ ପୁରୀର କର୍ମକର୍ତ୍ତା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରସାଦ ରାଓ ପୃଷ୍ଟି, ପ୍ରସନ୍ନ ମିଶ୍ର, ପଞ୍ଚାନନ ଖଟୁଆ, ଶେଷଦେବ ବେହେରା, ଏନଏସ ନିର୍ବାହୀ ଅଧିକାରୀ ଆଶାଲତା ରଚମାଳା, ଅମୂଲ୍ୟ ସେନାପତି, ମହେନ୍ଦ୍ର ସେନାପତି, ନଗେନ ସେନାପତି, ରାମଚନ୍ଦ୍ର ବାଡତ୍ୟା, ସୁବାସ ଚନ୍ଦ୍ର ପତି, ଜଗନ୍ନାଥ ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ଭୀମସେନ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ରମ୍ଭା ଉଚ୍ଚ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ଧନ୍ୟବାଦ ଦେଇଥିଲେ।

# ତିଳିସିଙ୍ଗି ଲଣ୍ଡା ପାହାଡ଼ ହେଲା ସବୁଜ ବନାନୀ



ଲଣ୍ଡାପାହାଡ଼ ସବୁଜ ବନାନୀ ପାଲଟିଛି।

ଭଞ୍ଜନଗର,୨।୬(ବାବୁଲା ପ୍ରଧାନ): ଭଞ୍ଜନଗରସ୍ଥିତ ଘୁମୁସର ଉତ୍ତର ବନଖଣ୍ଡରେ ସରକାରଙ୍କ ଗୋଟିଏ ଯୋଜନା ସଫଳ ହେଉଥିବା ବେଳେ ଆଉ ଗୋଟିଏ ଫେଲ ମାରିଥିବା ଲକ୍ଷ୍ୟ କରାଯାଇଛି। ଏହି ବନଖଣ୍ଡର ଗାଲେରି ରେଞ୍ଜର ତିଳିସିଙ୍ଗିରେ ଥିବା ଲଣ୍ଡା ପାହାଡ଼କୁ ବନ କର୍ମଚାରୀ ଏକ ବର୍ଷ ମଧରେ ସବୁଜ ବନାନୀରେ ପରିଣତ କରି ପାରିଛନ୍ତି । ଯାହାକି ଅନ୍ୟ ରେଞ୍ଜ ପାଇଁ ଉଦାହରଣ ପାଲଟିଛି।

ତିଳିସିଙ୍ଗି ପାହାଡଟି ରାଜସ୍ୱ ବିଭାଗ ଅଧୀନରେ ଥିଲା। ରାଜସ୍ୱ ବିଭାଗ ଅଧିକାରୀମାନେ ବିଗତ ଦିନରେ ଉକ୍ତ ପାହାଡ଼ର ସୁରକ୍ଷା ପ୍ରତି ଦୃଷ୍ଟି ଦେଇ ନ ଥିଲେ। ଗତବର୍ଷ ବନ ବିଭାଗ ଅଧିକାରୀ ଉକ୍ତ ଲଣ୍ଡା ପାହାଡ଼କୁ ବନୀକରଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ୫ ହେକ୍ଟର ଲଣ୍ଡା ପାହାଡ଼ରେ ପ୍ରାୟ ୮ ହଜାର ଚାରା ଲଗାଯାଇଥିଲା। ବର୍ତ୍ତମାନ ଚାରାଗୁଡ଼ିକ ବହୁତ ବଡ ହେବା ସହ ପାହାଡ଼ଟି ସବୁଜ ବନାନୀରେ ପରିଣତ ହୋଇଛି। ଡିଏଫଓ ହିମାଂଶୁ ଶେଖର ମହାନ୍ତି, ରେଞ୍ଜର ଆଶାଲତା ଦିଗାଲ, ବନପାଳ ଶୁଭସ୍ମିତା ପାତ୍ରଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟାରେ ଆଜି ଲଣ୍ଡା ପାହାଡ଼ ସବୁଜ ବନାନୀ ହୋଇପାରିଛି। କିନ୍ତୁ ଉକ୍ତ ପାହାଡ଼କୁ ଲାଗି ଏବେ ବି ଆହୁରି ଅନେକ ହେକ୍ଟର ଜମି ପଡିଆ ପଡିଛି। ସେଥିରେ ମଧ୍ୟ ଗଛ ଲାଗାଇବା ପାଇଁ ଦାବି ହୋଇଛି। ଅନ୍ୟପଟେ ଏହି ବନଖଣ୍ଡର ତାରସିଂ ରେଞ୍ଜ କାର୍ଯ୍ୟାଳୟ ଠାରୁ ମାତ୍ର ୫ ଶହ ମିଟର ଦୂରରେ ଥିବା ସଂରକ୍ଷିତ ଜଙ୍ଗଲରୁ ଦିନ ବେଳେ ଜାତୀୟ ରାଜପଥ କଡ଼ରୁ କାଠ ଚୋରି ହେଉଛି। ଲୋକେ ବିଭିନ୍ନ ସମୟରେ ଜଙ୍ଗଲକୁ ଯାଇ ବଡ କାଠ ଗଣ୍ଡିକୁ ଜାଳେଣି କାଠ ଭାବେ କାଟି ଜଙ୍ଗଲରେ ପକାଇ ଦିଅନ୍ତି। କାଠ ଗୁଡ଼ିକ ଶୁଖିଲା ପରେ ତାକୁ ସୁବିଧା ଦେଖି ବିଭିନ୍ନ ମାଧ୍ୟମରେ ନେଇଥାନ୍ତି। କିଛି ମାସ ପୂର୍ବେ ରେଞ୍ଜ କାର୍ଯ୍ୟାଳୟକୁ ଲାଗିଥିବା ଏକ ସ୍ଥାନରୁ ଏକାଧିକ ଚନ୍ଦନ ଗଛ ଚୋରି ହୋଇଥିଲା। ଏହି ମାମଲାରେ ବନ ବିଭାଗ କାହାରିକୁ ମଧ୍ୟ ଗିରଫ କରିନାହିଁ। ଉକ୍ତ ରେଞ୍ଜରେ ଲୋକେ ଜଙ୍ଗଲରୁ ଅନେକ ସମୟରେ ମୂଲ୍ୟବାନ କାଠ କାଟି ନେଉଥିବା ଅଭିଯୋଗ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପାଟ୍ରୋଲିଂ କଡାକଡି କରିବାକୁ ଦାବି ହୋଇଛି।



କଣ୍ଟିଲୋସ୍ଥିତ ଶ୍ରୀ ନୀଳମାଧବ ଜୀଉଙ୍କ ସୋମବାର ସର୍ବାଙ୍ଗ ଚନ୍ଦନ ବେଶ।

## କଲଭର୍ଟ, ରାସ୍ତା ନିର୍ମାଣ ଦାବିରେ ଧାରଣା




ରାସ୍ତା ଉପରେ ଧାରଣାରେ ବସିଛନ୍ତି ସ୍ଥାନୀୟ ବାସିନ୍ଦା ।

ଦିଗପହଣ୍ଡି,୨।୬ (ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ପୁଣ୍ଡିଙ୍କୟା ଛକ ଆସିକା-ଦିଗପହଣ୍ଡି ୩୨୬ ନଂ. ଜାତୀୟ ରାଜପଥ ମୁଖ୍ୟରାସ୍ତାରେ କଲଭର୍ଟ ଓ ଡ୍ରେନ ନିର୍ମାଣ ଦାବି ହୋଇଛି। ଏନେଇ ଏନ୍‌ଏସି ଅଧକ୍ଷ ପ୍ରଫୁଲ ପଣ୍ଡା, ନଗର କଂଗ୍ରେସ ସଭାପତି ଦୀପକ ମିଶ୍ର, ସୁନୀଲ ପଣ୍ଡା, କାଉନସିଲର ପ୍ରତିନିଧି ରଞ୍ଜିତ ବେହେରା, ଇ.ଶଙ୍କର, ଆଇନଜୀବୀ ମନୋଜ ପଣ୍ଡା, ପ୍ରକାଶ ପାଣିଗ୍ରାହୀ, ବାବୁ ପାଢ଼ୀ, ଭୀମ ପଟ୍ଟନାୟକ, ଗୌରଚନ୍ଦ୍ର ପୂଜାରୀ, ଟିଙ୍କିନା ପଟ୍ଟନାୟକ, ଶିବ ପ୍ରଧାନ, ଗଙ୍ଗା ମହାନ୍ତିଙ୍କ ନେତୃତ୍ୱରେ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ସୋମବାର ପୂର୍ବାହ୍ନ ୧୧ ଟାରୁ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ ଗାଡ଼ି ମୋଟର ଅଟକି ରହିଥିଲା। ସ୍ଥାନୀୟ ତହସିଲଦାର ସନ୍ତୋଷ ସାହୁ, ଆଇଆଇସି ପ୍ରଶାନ୍ତ ପାତ୍ର ଘଟଣାସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଦୀର୍ଘଦିନ ହେଲା ରାସ୍ତା ନିର୍ମାଣ କରାଯାଉନି। କଲଭର୍ଟ ଏବଂ ରାସ୍ତାର ଉଭୟ କଡ଼ରେ ଡ୍ରେନ ନିର୍ମାଣ କରାଯାଉ ନ ଥିବାରୁ ବର୍ଷା ହେଲେ ନର୍ଦ୍ଦମା ପାଣି ଲୋକଙ୍କ ଘରେ ପଶୁଛି। ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ସେଥିପ୍ରତି କର୍ଣ୍ଣପାତ କରୁ ନ ଥିବା ପ୍ରତିବାଦରେ ଲୋକେ ରାସ୍ତା ଅବରୋଧ କରିଥିଲେ ବୋଲି ଏନ୍‌ଏସି ଅଧକ୍ଷ କହିଛନ୍ତି। ପ୍ରତିଶ୍ରୁତି ମୁତାବକ ସପ୍ତାହକ ମଧ୍ୟରେ ସମସ୍ୟାର ସ୍ଥାୟୀ ସମାଧାନ କରା ନ ଗଲେ ଅନିର୍ଦ୍ଦିଷ୍ଟ କାଳ ଯାଏ ରାସ୍ତା ଅବରୋଧ କରାଯିବ ବୋଲି ନଗର କଂଗ୍ରେସ ସଭାପତି କହିଛନ୍ତି।

## ଉନ୍ନୟନ କାର୍ଯ୍ୟର ତଦାରଖ କଲେ ଜିଲାପାଳ

ପାରଳାଖେମୁଣ୍ଡି,୨।୬(ଗିରିଧାରୀପରିଛା) ଗଗଜପତି ଜିଲା ଗୁମ୍ମା ବ୍ଲକ ଗସ୍ତ କରି ସୋମବାର ଜିଲାପାଳ ବିଜୟ କୁମାର ଦାଶ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ତଦାରଖ କରିଛନ୍ତି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ, ଯୁବ ଉଦ୍ୟୋଗୀ ପରିଚାଳିତ ଟେଲରିଂ ୟୁନିଟ, କୁକୁଡ଼ା ଫାର୍ମ, ପିଏମ-ଜନମନ ଗୃହ ଓ ଛାତ୍ରୀଛାତ୍ରଙ୍କ ହଷ୍ଟେଲ ଆଦି ପରିଦର୍ଶନ କରି ଜିଲାପାଳ ଦେଖିଥିଲେ। ଏହି ଅବସରରେ ସେ ହିତାଧିକାରୀ ଓ ଜନସାଧାରଣଙ୍କ ସହିତ ଆଲେଚନା କରିଛନ୍ତି। ଏହି ଗସ୍ତ ସମୟରେ ପ୍ରକଳ୍ପ ପ୍ରଶାସକ, ଗୁମ୍ମା ବିଡିଓ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ରାମଲୀଳା ପାଇଁ ଶୁଭଖୁଣ୍ଟ ସ୍ଥାପନ

ଖଣ୍ଡପଡ଼ା,୨।୬(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ କଂସାରୀସାହି ପାଟଣା ଶ୍ରୀରଘୁନାଥ ଜୀଉ ନାଟ୍ୟ ସମିତିପକ୍ଷରୁ ପ୍ରତିବର୍ଷ ପରି ଚଳିତବର୍ଷ ଆସନ୍ତା ୬ ତାରିଖରେ ସ୍ଥାନୀୟ ଅନୁଷ୍ଠାନର ଯୁବ କଳାକାରଙ୍କ ଦ୍ୱାରା ରାମଲୀଳା ନାଟକ ପରିବେଷଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ଅବସରରେ ସୋମବାର ଅନୁଷ୍ଠାନର ସଭାପତି ପ୍ରସନ୍ନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କଳାକାର ଓ ସଦସ୍ୟମାନଙ୍କ ଉପସ୍ଥିତିରେ ରାମଲୀଳା ପାଇଁ ଶୁଭଖୁଣ୍ଟ ସ୍ଥାପନ କରାଯାଇଛି। ସୂଚନାଯୋଗ୍ୟ, ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ରାମଲୀଳା ନାଟକର ତାଡକା ବଧ, ଶିବଧନୁ ଭଗ୍ନ, ପର୍ଶୁରାମ ଭେଟ, ସୀତା ଚୋରି, କୁମ୍ଭକର୍ଣ୍ଣ ବଧ, ଇନ୍ଦ୍ରଜିତ ବଧ, ରାବଣ ବଧ ଓ ରାମା ଅଭିଷେକ ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ନାଟକ ପରିବେଷଣ କରାଯିବ। ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ କଳାକାର ତଥା ସସ୍ୟ ଭୀକାରି ଚରଣ ସାହୁ, ରମାକାନ୍ତ ସାହୁ, ଶରତ ଚନ୍ଦ୍ର ସାହୁ, ପ୍ରଭାତ କୁମାର ସାହୁ, ଲକ୍ଷ୍ମୀଧର ଚିନ୍ନରା, ଦିପୁ ରଞ୍ଜନ ସାହୁ, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମାଟ୍ରିକ ପାସ୍ କଲେ, କଲେଜରେ ପଢିପାରିବେନି ରଶ୍ମିତା

### ଅର୍ଥାଭାବ ପାଲଟିଛି ପଢାରେ ପ୍ରତିବନ୍ଧକ

ମୋହନା,୨।୬(ମନମ୍ଥ ମିଶ୍ର)



ପାଠ ପଢ଼ିବାକୁ ମନରେ ପ୍ରବଳ ଇଚ୍ଛା ଅଛି, ହେଲେ ମାଟ୍ରିକ ପାସ ପରେ କଲେଜରେ ନାମ ଲେଖାଇବାକୁ ପାଖରେ ନାହିଁ ଅର୍ଥ । ସପ୍ନ ଥିଲେ ମଧ ରଶ୍ମିତାଙ୍କ ପାଇଁ ଅର୍ଥ ସାଜିଛି ବାଧକ । ନିଜେ କୁଲି ଗଲେ ଘରର ଚୁଲି ଜଳୁଛି । ସରକାର ସହାୟତା ମିଳିଲେ କଲେଜ ରେ ପଢିବାକୁ ଆଶା ରଖିଥିବା କହିଛନ୍ତି ରଶ୍ମିତା । ଏଭଳି ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କେନ୍ଦୁପଦା ସୌରା ସାହିରେ। ମୃତ ହରି ଗମାଙ୍ଗଙ୍କ ଝିଅ ରଶ୍ମିତା ଚଳିତ ମାଟ୍ରିକ ପରୀକ୍ଷାରେ ୪୧୯ ନମ୍ବର ରଖି ବି -୨ ଗ୍ରେଡ଼ରେ ପାସ କରିଛନ୍ତି । ହେଲେ କଲେଜରେ ପଢିବାକୁ ତାଙ୍କ ପାଇଁ ଅର୍ଥ ସାଜିଛି ବାଧକ। ଦୁଇ ବର୍ଷ ପୂର୍ବରୁ ବାପା ଚାଲିଯିବା ପରେ ଘରର ଆର୍ଥିକ ସ୍ଥିତ ଖରାପ ହୋଇଯାଇଥିଲା। ବଡ଼ ଭାଇ ମାଟ୍ରିକ ପାସ ପରେ କଲେଜରେ ପଢି ନ ପାରି ପାଠ ଛାଡି ଦାଦନ ଖଟିବାକୁ ଗୋଆ ଯାଇଛନ୍ତି। ଘରର ପରିସ୍ଥିତି ଖରାପ ହେତୁ ରଶ୍ମିତାଙ୍କ ଜଣେ ଭଉଣୀ ଓ ସାନଭାଇ ଏବେ ପାଠ ଛାଡ଼ି ଘରେ ରହୁଛନ୍ତି । ଏଭଳି ସ୍ଥିତିରେ କୁଲି ଖଟି ଘର ଚଳାଇବା ସହ ଗୋବିନ୍ଦପୁର

ହାଇସ୍କୁଲରେ ପଢି ୧୦ମ ଶ୍ରେଣୀ ପରୀକ୍ଷା ଦେଇଥିଲେ ରଶ୍ମିତା। ସରକାର କିମ୍ବା କେହି ବଦାନ୍ୟ ବ୍ୟକ୍ତି ସହାୟତା କଲେ ସେ କଲେଜରେ ପଢି ପାରିବେ ବୋଲି ଆଶା ରଖି ନିବେଦନ କରିଛନ୍ତି ରଶ୍ମିତା। ଏ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ, ପରିବାର ପରିସ୍ଥିତି ଯୋଗୁ ରଶ୍ମିତା ପାଠ ପଢ଼ିବା ପାଇଁ ଅକ୍ଷମ ହେଉଥିବା ଜାଣି ଦୁଃଖ ଲାଗୁଛି। ଆମେ ତାଙ୍କୁ ଯଶୋଦା ଯୋଜନାରେ ଅନ୍ତର୍ଭୁକ୍ତ କରି ପାଠ ପଢ଼ିବା ପାଇଁ ସହାୟତା ପ୍ରଦାନ କରିବୁ ବୋଲି ତ୍ରିପାଠୀ ପ୍ରକାଶ କରିଛନ୍ତି।

## ମା' ବ୍ରାହ୍ମଣ ଦେବୀଙ୍କ ଯାତ୍ରା ଉଦ୍‌ଯାପିତ

ବେଲଗୁଣ୍ଠା,୨।୬ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବାପ ଘରକୁ ଆସି ମା'ବ୍ରାହ୍ମଣ ଦେବୀ ଦୀର୍ଘ ଏକ ମାସର ଦେବୀଲୀଳା ସମ୍ପନ୍ନ କରି ନିଜସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ସହିତ ବେଲଗୁଣ୍ଠା ବାସୀ ମା'ଙ୍କୁ ବିଦାୟ ଜଣାଇଛନ୍ତି। ପବିତ୍ର ଅକ୍ଷୟ ତୃତୀୟା ଠାରୁ ମା'ବେଲଗୁଣ୍ଠା ଆଗମନ କରିଥିଲେ। ମେ୨୯ରେ ଅସ୍ଥାୟୀ ପୀଠରେ ଶାନ୍ତି ହୋମ ହୋଇଥିଲା। ରବିବାର ମା' ବ୍ରାହ୍ମଣ ଉତ୍ତରାୟଣ ଯାତ୍ରା କରି ସିଂହବାହିନୀ ବେଶରେ ବେଲଗୁଣ୍ଠା ଆରାଧ ଦେବ ଲକ୍ଷ୍ମୀ ନୃସିଂହଙ୍କ ପୀଠରେ ବିରାଜ ମାନ କରିଥିଲେ। ପରମ୍ପରା ଅନୁଯାୟୀ ବଡ଼ଦାଣ୍ଡରେ ଗୋଟିଏ ଭରତ ଲୀଳା, ଗୋଟିଏ ରାମାୟଣ ନାଟକ ପରିବେଷଣ କରାଯାଇଥିଲା। ମା'ଙ୍କୁ ସିଂହ ବାହିନୀ ରୂପେ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ରାତିରେ ମା'ବଡ଼ଦାଣ୍ଡ ପରିକ୍ରମା କରି ଅସ୍ଥାୟୀ ମନ୍ଦିରରେ ବିଜେ କରିଥିଲେ। ପରେ ଆରମ୍ଭ ହୋଇଥିଲା ମେଲାଣି ନେଇଥିଲେ। ବେଲଗୁଣ୍ଠା ଯାତ୍ରା ପରମ୍ପରା ଅନୁଯାୟୀ ମା'ଙ୍କ ମେଲାଣି ବେଳେ ନିଶାର୍ଦ୍ଧ ରାତିରେ ସହର ନିଶବ୍ଦ ହେବା ସହିତ ଗୋଟିଏ ଫଟା ଘଣ୍ଟ ବଜାଇ ବଜାଇ ନିଆଯାଇଥାଏ।

## ବିକଶିତ କୃଷି ସଙ୍କଳ୍ପ ଅଭିଯାନ




ଚିକିଟିରେ ହୋଇଥିବା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଚିକିଟି/ଗୋପାଳପୁର,୨।୬ (ପ୍ରକାଶ ଚନ୍ଦ୍ର ସାହୁ /ନବୀନ ରାଜ ଆଚାରୀ)

ଚିକିଟି ବ୍ଲକ କଳବାଡ଼ ପଞ୍ଚାୟତ ଅନ୍ତର୍ଗତ ବରାହୀ ମନ୍ଦିର ପ୍ରାଙ୍ଗଣରେ ସୋମବାର ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଛି। ଚିକିଟି ବ୍ଲକ କୃଷି ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଅଭିଯାନରେ ମୁଖ୍ୟ ଅତିଥିଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ସମ୍ମାନିତ ଅତିଥିଭାବେ ବୈଜ୍ଞାନିକ ଡ଼କ୍ଟର ବୀରକିଶୋର ସେଠୀ, କୃଷି ବିଜ୍ଞାନ କେନ୍ଦ୍ର ଗଞ୍ଜାମ ଦୁଇର ବୈଜ୍ଞାନିକ ଡ଼କ୍ଟର ସିଦ୍ଧାର୍ଥ ଶଙ୍କର ଦାସ ଓ ସସ୍ମିତା ପ୍ରିୟଦର୍ଶିନୀ, ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ପ୍ରିୟବ୍ରତ ଦାସ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଆଲୋକ ବେହେରା, ସହକାରୀ କୃଷି ଅଧିକାରୀ ମୀରାବାଈ ନାୟକ, ମୃତ୍ତିକା ସଂରକ୍ଷଣ ଅଧିକାରୀ ଗୀତାଞ୍ଜଳି ପାତ୍ର ଯୋଗ ଦେଇ ନୂତନ ଜ୍ଞାକୌଶଳ ପ୍ରୟୋଗରେ କିପରି ଅମଳ ବୃଦ୍ଧି କରିବା, ମୃତ୍ତିକା ପରୀକ୍ଷା ଓ ସମନ୍ୱିତ ଖାଦ୍ୟସାର ପରିଚାଳନା, ମାଛ, ପ୍ରାଣୀପାଳନରେ ଉତ୍ପାଦିକା ବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲକର ବିଭିନ୍ନ ଗ୍ରାମରୁ ବହୁ ଚାଷୀ ଉପସ୍ଥିତ ଥିଲେ।

ସେହିପରି ରଙ୍ଗେଇଲୁଣ୍ଡା ବ୍ଲକ୍ ଲୁହାଙ୍ଗର ପଞ୍ଚାୟତ ଶୀତଳାପଲ୍ଲୀ ଗ୍ରାମରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ପ୍ରଦୀପ ପଟ୍ଟନାୟକ, ବୈଜ୍ଞାନିକ ଡ.ସୁମନ୍ତ ମିଶ୍ର, ଆଇସିଏଆର-ସିଆଇଏଫଆଇ ବୈଜ୍ଞାନିକ ଡ଼.ବୀର କିଶୋର ସେଠି, ବୈଜ୍ଞାନିକ ଡ଼.ଶୈଳେସ ସୋରଭ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ଼.ସୁଜିତ ନାଥ, କେବିକେ ବୈଜ୍ଞାନିକ ଡ଼.ସସ୍ମିତା ପ୍ରିୟଦର୍ଶିନୀ, ରଙ୍ଗେଇଲୁଣ୍ଡା ଗୋଷ୍ଠୀ କୃଷି ଅଧିକାରୀ ଶୁଭଶ୍ରୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଆଧୁନିକ ପ୍ରଯୁକ୍ତି ଜ୍ଞାନ ଓ ନୂତନ ଜ୍ଞାନ କୌଶଳରେ ପ୍ରୟୋଗ କରି କିଭଳି ଅଧିକ ଉତ୍ପାଦନ କରାଯାଇପାରିବ ସେନେଇ ଚାଷୀଙ୍କୁ ବୁଝାଯାଇଥିଲା। ବ୍ଲକ ଉଦ୍ୟାନ ଅଧିକାରୀ, ସରପଞ୍ଚ ପି.କମଳା ରେଡ୍ଡୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଅବକାରୀ ବିଭାଗର ସଚେତନତା ରଥ ଶୁଭାରମ୍ଭ



ଛତ୍ରପୁର,୨।୬(ଦିଲୀପ ସାମଲ): ଅବକାରୀ ବିଭାଗ ପକ୍ଷରୁ ସଚେତନତା ରଥକୁ ଛତ୍ରପୁର ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଶୁଭାରମ୍ଭ କରିଛନ୍ତି। ଅନ୍ୟ ଏକ ରଥକୁ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ ପରିସରରେ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ୨ଟି ରଥ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଜିଲାର ପ୍ରତ୍ୟେକ ଅଞ୍ଚଳ ବୁଲି ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ମାଦକ ଦ୍ରବ୍ୟ ବିରୋଧରେ ଲୋକଙ୍କୁ ସଚେତନ କରାଇବ। ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଗଞ୍ଜାମ ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନା, ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ପ୍ରବୀଣ କୁମାର ପ୍ରଧାନ, ଡେପୁଟି ଅବକାରୀ ଅଧୀକ୍ଷକ ଅଳକା ସୁନା, ସ୍ୱାଧୀନ ସାହୁଙ୍କ ସମେତ ବହୁ ଅବକାରୀ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାପାଳଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ



ଛତ୍ରପୁର,୨।୬(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲା ପାତ୍ରପୁର, ଗଞ୍ଜାମ, ଛତ୍ରପୁର ଓ ସୋରଡା ଆଦି ବିଭିନ୍ନ ବ୍ଲକରେ ଜନ ପ୍ରତିନିଧିମାନଙ୍କୁ ଅଣଦେଖା କରାଯାଉଛି। ଏପରିକି ମହିଳା ଜନ ପ୍ରତିନିଧିମାନଙ୍କୁ ଦୁର୍ବ୍ୟବହାର କରାଯାଉଥିବା ବିଜେଡି ଅଭିଯୋଗ କରିଛି। ସୋମବାର ଭୃଗୁ ବକ୍ସିପାତ୍ରଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ପାତ୍ରପୁର ପଞ୍ଚାୟତ ସମିତି ବୈଠକରେ ଗଣ୍ଡଗୋଳ, ବାହାର ଲୋକଙ୍କ ଦ୍ୱାରା ମହିଳା ଜନ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ଓ ଜନ ପ୍ରତିନିଧିମାନଙ୍କୁ ଅଣଦେଖା କରାଯାଉଥିବା ସମ୍ପର୍କରେ ଚିକିଟି ଯୁବନେତା ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହିଳା ଜନ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି । ସୋରଡା ବ୍ଲକ ଅଧକ୍ଷାଙ୍କ ଦସ୍ତଖତ ଜାଲିଆତି କରି ଦୁଇଟି ବିଲ କରାଯାଇଥିବା ଅଭିଯୋଗ ହୋଇଛି । ସେହିପରି ଛତ୍ରପୁର ଓ ଗଞ୍ଜାମ ବ୍ଲକରେ ଜନ ପ୍ରତିନିଧି ମାନଙ୍କୁ ଅଣଦେଖା କରାଯିବା ସହ ରାଜନୈତିକ ହସ୍ତକ୍ଷେପ କରି ସେମାନଙ୍କ ବିଭିନ୍ନ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ଗଞ୍ଜାମ ବିଡିଓଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଜିଲାପାଳଙ୍କୁ ଜଣାଇଥିଲେ । ବିଭିନ୍ନ ବ୍ଲକରେ ବିଡିଓ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଭାଜପାର

**■ଜନ ପ୍ରତିନିଧିଙ୍କୁ ଅଣଦେଖା ଅଭିଯୋଗ**

ବ୍ଲକ ସଭାପତି ଭଳି କାର୍ଯ୍ୟ କରୁଥିବା ମଧ୍ୟ ଏହି ପ୍ରତିନିଧି ଦଳ ଅଭିଯୋଗ କରିଛନ୍ତି। ନବୀନ ସରକାର ଅମଳରେ ଯାହା କାର୍ଯ୍ୟ ହୋଇଥିଲା ତାର ବକେୟା ବିଲକୁ ରାଜନୈତିକ ଚାପ ପକାଇ ଏ ପର୍ଯ୍ୟନ୍ତ ପ୍ରଦାନ କରାଯାଉନାହିଁ । ଏହାକୁ କେବେ ବି ବରଦାସ୍ତ କରାଯିବ ନାହିଁ ଲୋକଙ୍କ ସମସ୍ୟାର ସମାଧାନ ଓ ହିତ ନିମନ୍ତେ ଆବଶ୍ୟକ ହେଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଭୃଗୁ କହିଛନ୍ତି। ଜିଲାପାଳଙ୍କ ସହ ଆଲୋଚନା ବେଳେ ଛତ୍ରପୁରର ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା, ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ, ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ କୁମାର କର, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ସମିତିସଭ୍ୟ ଏସ. ଚକ୍ରପାଣି ରେଡ୍ଡୀଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ମାନେ ଉପସ୍ଥିତ ଥିଲେ ।

# ବାପାଙ୍କ ସହ ମିଶି ସ୍ୱାମୀଙ୍କୁ ଛୁରି ଭୁସି ହତ୍ୟା କଲେ ସ୍ତ୍ରୀ

**ବଢ଼ିବାରେ ଲାଗିଛି ପାରିବାରିକ ହିଂସା। କୌଣସି ଘଟଣାକୁ ସହ୍ୟ କରିବାର ମାନସିକତା ଲୋକଙ୍କ ମଧ୍ୟରେ ଆଉ ଦେଖିବାକୁ ମିଳୁନାହିଁ। ଯାହାଫଳରେ ନିଜର ସମ୍ପର୍କୀୟଙ୍କୁ ମଧ୍ୟ ହତ୍ୟା କରିବାକୁ ପଛାଉ ନାହାନ୍ତି। ଗତ ୩ ଦିନ ତଳେ ନୟାଗଡ଼ ବନଖଣ୍ଡ ପଞ୍ଚରିଡ଼ା ରେଞ୍ଜ୍‌ର ଫରେଷ୍ଟର ଶିଶିର କୁମାର ସାହୁଙ୍କୁ ସ୍ତ୍ରୀ ଏବଂ ପୁଅ ପେଟ୍ରୋଲ୍ ଢାଳି ଜିଅନ୍ତା ଜାଳି ଦେଇଥିଲେ। ସୋମବାର ଆଉ ଏକ ଘଟଣା ସାମ୍ନାକୁ ଆସିଛି। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ରବିବାର ରାତିରେ ଜଣେ ଯୁବକଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ସ୍ତ୍ରୀ ଓ ଶ୍ୱଶୁର(ବାପଝିଅ) ମିଶି ତାଙ୍କୁ ଏପରି ହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ କାଳିଆ ସେଠୀ। ପୋଲିସ ମୃତଦେହ ଜବତ କରିଛି। ପରକୀୟା ପ୍ରୀତିକୁ ବିରୋଧ କରିବାରୁ ସ୍ୱାମୀଙ୍କୁ ହତ୍ୟା କରିବାକୁ ସ୍ତ୍ରୀ ପଛାଇଲେ ନାହିଁ ବୋଲି ଅଭିଯୋଗ ହୋଇଛି।**

## ପରକୀୟା ପ୍ରୀତିକୁ ବିରୋଧ କରିବାରୁ ହତ୍ୟାକାଣ୍ଡ



ପୋଲିସ ତଦନ୍ତ କରୁଥିବା ବେଳେ ଅଭିମନ୍ୟୁ ଏତଲାପତ୍ର ଦେଉଛନ୍ତି।

କବିସୂର୍ଯ୍ୟନଗର, ୨।୬(କୃପାସିନ୍ଧୁ ସ୍ୱାଇଁ)

ଗୋବିନ୍ଦପୁର ଗ୍ରାମର କାଳିଆ ସେଠୀ ଗତ ୧୩ ବର୍ଷ ତଳେ ପୋଲସରା ଥାନା ଡିମ୍ବିରିଆ ଗ୍ରାମର ମୋଚିରାମ ସେଠୀଙ୍କ ଝିଅ ପୂଜା ସେଠୀଙ୍କୁ ଭଲ ପାଇ ବିବାହ କରିଥିଲେ । କିଛି ଦିନ ଭଲରେ ଚଳିବା ପରେ ଉଭୟଙ୍କ ମଧ୍ୟରେ ଅଶାନ୍ତି ଆରମ୍ଭ ହୋଇଥିଲା। ସ୍ୱାମୀ କାମ କରିବାକୁ ଯିବା ପରେ ପୂଜା ଅନ୍ୟ କାହା ସହ ଫୋନରେ ଦୀର୍ଘ ସମୟ ଧରି କଥା ହେଉଥିବା ଜାଣି କାଳିଆ ବାରଣ କରିଥିଲେ। ଏହାକୁ ନେଇ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ହୋଇଥିଲା। ଏପରି କି ଦୁଇଥର ବାଲିଛାଇ ଫାଣ୍ଡିରେ ଘଟଣା ପହଞ୍ଚି ସମାଧାନ ମଧ୍ୟ ହୋଇଥିଲା। ତଥାପି କଥା ସେତିକିରେ ସରି ନ ଥିଲା। ସ୍ୱାମୀଙ୍କୁ ଜୀବନରୁ ମାରିଦେବାକୁ ଚିନ୍ତା କରିଥିଲେ ସ୍ତ୍ରୀ ଏବଂ ଶ୍ୱଶୁର। ଶେଷରେ କାଳିଆଙ୍କ ସ୍ତ୍ରୀ ପୂଜା ଓ ଶ୍ୱଶୁର ମୋଚିରାମ ପୁଅକୁ ହତ୍ୟା କରିଥିବା ବାପା ଅଭିମନ୍ୟୁ ସେଠୀ କହିଛନ୍ତି।

ଅଭିମନ୍ୟୁଙ୍କ ଅଭିଯୋଗ ଅନୁସାରେ, ଗତ ଫେବୃଆରୀ ମାସରେ ପୂଜା ବାପଘରକୁ ଯାଇ ଆଉ ଶାଶୁଘରକୁ ଫେରି ନ ଥିଲେ। ସେ ବାରମ୍ବାର ଫୋନରେ କାଳିଆଙ୍କୁ ଧମକଚମକ ଦେଉଥିଲେ। ଗତ ରବିବାର ରାତିରେ କାଳିଆ ଘରେ ଶୋଇଥିଲେ। ଘରର କବାଟ ଆଉଜା ହୋଇଥିଲା। ଏହାର ସୁଯୋଗ ନେଇ ବିଳମ୍ବିତ ରାତିରେ ପୂଜା ଓ ତାଙ୍କ ବାପା ଆସି ଛୁରିରେ କାଳିଆଙ୍କ ଛାତି ଏବଂ ହାତକୁ ଭୁସି ଫେରାର ହୋଇଯାଇଥିଲେ। ଖବର ପାଇ କବିସୂର୍ଯ୍ୟନଗର ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଅଭିମନ୍ୟୁଙ୍କ ଅଭିଯୋଗ ଆଧାରରେ ପୋଲିସ ବିଏନ୍‌ଏସ୍ ଦଫା ୧୦୩(ହତ୍ୟା) ର ଏକ ମାମଲା(ନଂ. ୩୯୫/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁରୁଷୋତ୍ତମପୁର ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ବାପା ନିଜ ଝିଅର ସିନ୍ଦୂର ପୋଛିଦେବା ପରି ସ୍ପର୍ଶକାତର ଘଟଣା ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଛି। ମୃତ କାଳିଆଙ୍କ ୧୦ ବର୍ଷର ଏକ ପୁଅ ରହିଛି।

# ୫୦ ଲକ୍ଷ ଟଙ୍କାର ୨ ହାତୀଦାନ୍ତ ଜବତ, ଜଣେ ଗିରଫ

ବୌଦ୍ଧ,(ଅଜିତ କୁମାର ବାରିକ)/ ଭୁବନେଶ୍ୱର,୨।୬ (ସତ୍ୟଜିତ୍ ରାଉତ)



ଅଭିଯୁକ୍ତ ପ୍ରମୋଦ ପରିଡ଼ା ଧରିଥିବା ହାତୀ ଦାନ୍ତ।

## ବୌଦ୍ଧରେ ଏସ୍‌ଟିଏଫ୍ ଚଢ଼ାଉ

କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ବୌଦ୍ଧରେ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କଠାରୁ ୫୦ଲକ୍ଷ ଟଙ୍କାର ଦୁଇଟି ହାତୀଦାନ୍ତ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲା ଚରଦା ଗ୍ରାମର ପ୍ରମୋଦ ପରିଡ଼ା (୪୫)। ଜବତ ହାତୀଦାନ୍ତ ମଧ୍ୟରେ ଗୋଟିଏ ୪୨ ଇଞ୍ଚ ଓ ଅନ୍ୟଟି ୪୮ ଇଞ୍ଚ ବୋଲି ଜଣାପଡ଼ିଛି। ବୌଦ୍ଧ-ସୋନପୁର ରୋଡ(ଜାତୀୟ ରାଜପଥ-୫୭)ର ତେଲିବନ୍ଧ ଛକ ନିକଟରେ ରବିବାର ସନ୍ଧ୍ୟାରେ ଏସ୍‌ଟିଏଫ୍ ଟିମ୍ ବୌଦ୍ଧ ଫରେଷ୍ଟ ରେଞ୍ଜ ଅଧିକାରୀଙ୍କ ସହ ମିଳିତ ଚଢ଼ାଉରେ ଏହି ସଫଳତା ପାଇଛି। ଅଭିଯୁକ୍ତ ପ୍ରମୋଦଙ୍କୁ ବୌଦ୍ଧ ବନ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ବନ ବିଭାଗ ପକ୍ଷରୁ ଏନେଇ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତ ପ୍ରମୋଦଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ପ୍ରମୋଦ କିଛିଦିନ ହେଲା ହାତୀଦାନ୍ତ ଦୁଇଟିକୁ ବିକ୍ରି କରିବାକୁ ଗ୍ରାହକ ଖୋଜୁଥିଲେ। ଏନେଇ ଏସ୍‌ଟିଏଫ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ପ୍ରମୋଦ ହାତୀଦାନ୍ତକୁ ନେଇ ଜାତୀୟ ରାଜପଥ ପାର୍ଶ୍ୱରେ ଯାଉଥିବାବେଳେ ମିଳିତ ଟିମ୍ ଚଢ଼ାଉ କରିଥିଲା। ତେବେ ହାତୀଦାନ୍ତ ଦୁଇଟି କେତେବର୍ଷ ହାତୀର ଓ କେଉଁ ହାତୀର ଦାନ୍ତ ତାହା ଜଣାପଡ଼ିନାହିଁ। ଏପରିକି ବହୁ ପୁରୁଣା ଦାନ୍ତ ବୋଲି ସନ୍ଦେହ କରାଯାଉଛି। ଏନେଇ ଏସ୍‌ଟିଏଫ୍ ଡିଆଇଜି ପିନାକ ମିଶ୍ର କହିଛନ୍ତି, ଜବତ ହାତୀଦାନ୍ତକୁ ଫରେନ୍‌ସିକ୍ ଲ୍ୟାବକୁ ପଠାଯାଇ ତଥ୍ୟ ହାସଲ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଲିଙ୍କ୍‌ରେ ଅନ୍ୟ କାହାର ସମ୍ପୃକ୍ତି ରହିଛି, ସେନେଇ ତଦନ୍ତ ହେବାପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ହତ୍ୟାର ଡେମୋ ଦେଖାଇଲେ ଅଭିଯୁକ୍ତ ବୁଲୁ

ଭୁବନେଶ୍ୱର,୨।୬(ସତ୍ୟଜିତ୍ ରାଉତ)

## ବିଲ୍ଡର ସସ୍ମିତ ବିଶ୍ୱାଳ ହତ୍ୟା ଘଟଣା

ଜମି ବିବାଦକୁ କେନ୍ଦ୍ର କରି ଗତ ମାର୍ଚ୍ଚ ୧୧ରେ ଏୟାରଫିଲ୍ଡ ଥାନା ଅଞ୍ଚଳ ପ୍ରଧାନସାହି ନିକଟ କାଜୁ ଜଙ୍ଗଲରେ ବିଲ୍ଡର ସସ୍ମିତ ବିଶ୍ୱାଳ ଓରଫ ଚିନୁ(୪୭)ଙ୍କୁ ହତ୍ୟା ଘଟଣାରେ ପୋଲିସ ଅଧିକ ଖୋଳତାଡ଼ କରୁଛି। ଏହି ଘଟଣାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପ୍ରଧାନସାହିର ଦେବଦତ୍ତ ପରିଡ଼ା ଓରଫ ବୁଲୁଙ୍କୁ ପୋଲିସ ହତ୍ୟାକାଣ୍ଡସ୍ଥଳକୁ ନେଇ ସୋମବାର କ୍ରାଇମ୍ ସିନ୍ ରିକ୍ରିଏଟ୍ କରିଛି। ବୁଲୁ ହତ୍ୟାକାଣ୍ଡ ପରେ ଫେରାର ହୋଇଯାଇଥିଲେ। ସେ ଗତ ୨୭ ତାରିଖରେ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ପୋଲିସ ତାଙ୍କୁ ଦୁଇଦିନିଆ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିବାରେ ଲାଗିଛି। ବୁଲୁଙ୍କୁ ପୋଲିସ ଟିମ୍ କାଜୁଜଙ୍ଗଲକୁ ନେଇଥିଲା। ବୁଲୁ ହାତଠାରି ହତ୍ୟାର ଡେମୋ ଦେଖାଇଥିଲେ। ଏଥିସହ ହତ୍ୟାରେ ବ୍ୟବହୃତ ବାଡ଼ିକୁ ସେ ଯେଉଁଠି ଫିଙ୍ଗିଥିଲେ, ଉକ୍ତ ସ୍ଥାନ ଚିହ୍ନାଇଥିଲେ। ପୋଲିସ ସେଠାରୁ ଉକ୍ତ ବାଡ଼ିକୁ ଜବତ କରିଛି।

ଏୟାରଫିଲ୍ଡ ଥାନାଧିକାରୀ ଶଶିକାନ୍ତ ରାଉତ କହିଛନ୍ତି, କେମିକାଲ୍ ଟେଷ୍ଟ ପାଇଁ ଜବତ ବାଡ଼ିକୁ ଷ୍ଟେଟ୍ ଫରେନ୍‌ସିକ୍ ସାଇନ୍ସ ଲାବରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)କୁ ପଠାଯିବ। ଏହି ମାମଲାରେ ଗତ ମାର୍ଚ୍ଚ ୧୨ରେ ହୋମଗାର୍ଡ ସୁକାନ୍ତ ବେହେରାଙ୍କ ସମେତ ୪ଜଣ ଗିରଫ ହୋଇ ଜେଲରେ ଥିବାବେଳେ ଗିରଫଦାରି ସଂଖ୍ୟା ୫ରେ ପହଞ୍ଚିଛି। ତେବେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପ୍ରଧାନସାହିର ଗୁଲୁ ମହାନ୍ତିଙ୍କ ସମେତ ୮ରୁ ୯ ଜଣ ଅଦ୍ୟାବଧି ଫେରାର ଅଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଜମି ବ୍ୟବସାୟରେ ସସ୍ମିତଙ୍କ ପାର୍ଟନର ଥିଲେ ଗୁଲୁ। କିଛିମାସ ତଳେ ପ୍ରଧାନସାହି ମୌଜାରେ ସସ୍ମିତ ଏକ ବଡ଼ ଜମି କିଣିଥିଲେ। ଉକ୍ତ ଜମିକୁ ଲାଗି ହୋମଗାର୍ଡ ସୁକାନ୍ତଙ୍କ ଏକ ପ୍ଲଟ୍ ଥିବା ବେଳେ ସେଥିରୁ ସସ୍ମିତଙ୍କୁ ରାସ୍ତା ଦେବେ ବୋଲି ଏଗ୍ରିମେଣ୍ଟ ହୋଇଥିଲା। ଏଥିପାଇଁ ସୁକାନ୍ତ ଲକ୍ଷାଧିକ ଟଙ୍କା ଦାବି କରି ନେଇଥିଲେ। ହେଲେ ଗୁଲୁଙ୍କ କଥାରେ ପଡ଼ି ସୁକାନ୍ତ ଆଉ ଧରା ଛୁଆଁ ଦେଇ ନ ଥିଲେ। ସସ୍ମିତ ସେଠାରେ ରାସ୍ତା ସହ ପାଚେରି କରିବା ବେଳେ ସୁକାନ୍ତ ଓ ଗୁଲୁ ବିରୋଧ କରିଥିଲେ। ଘଟଣା ଦିନ ସକାଳେ ସସ୍ମିତ ସ୍କୁଟି ଯୋଗେ ସେଠାକୁ ଯାଇଥିବାବେଳେ ସୁକାନ୍ତ, ଗୁଲୁ, ବୁଲୁ ଓ ଅନ୍ୟମାନେ ତାଙ୍କୁ ପିଟି ହତ୍ୟା କରିଥିଲେ।

## ଡକାୟତି ଯୋଜନା ବେଳେ ଚଢ଼ାଉ

# ୬ ଆନ୍ତଃରାଜ୍ୟ ଡକାୟତ ଗିରଫ

ବନ୍ଧମୁଣ୍ଡା/ରାଉରକେଲା,୨।୬ (ସୁବ୍ରତ ଡେ/ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ବନ୍ଧମୁଣ୍ଡା ମଶାଣି ନିକଟସ୍ଥ ପ୍ରେମନଗର ଖେଳପଡ଼ିଆରେ ରବିବାର ବିଳମ୍ବିତ ରାତିରେ ଡକାୟତିଯୋଜନା କରୁଥିବାବେଳେ ପୋଲିସ ଏକ ଡକାୟତ ଗ୍ୟାଙ୍ଗର ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଟୁ ତନ୍ତି (୨୬), ଅଂଶୁ କୁମାର (୨୧), ୱାଇ. କ୍ରିଷ୍ଣା(୨୬), ଅଜୟ ପଟ୍ଟନାୟକ(୩୦), ବିବେକ ମୋଦକ(୩୬) ଏବଂ ଅତନୁ ମୁଖୀ(୪୩)। ଏ ନେଇ ବନ୍ଧମୁଣ୍ଡା ଥାନାରେ ଏକ ମାମଲା (ନଂ.୧୨୫/୨୫) ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କଠାରୁ ୪ଟି ଦେଶୀ ପିସ୍ତଲ, ଗୋଟିଏ ଦେଶୀ ରିଭଲବର, ୪ଟି ଖାଲି ମାଗାଜିନ୍, ୧୫ ଜୀବନ୍ତ ଗୁଳି, ଦୁଇଟି ଖଣ୍ଡା, ଗୋଟିଏ ରଡ୍, ଗୋଟିଏ ଟର୍ଚ୍ଚ, ୫ଟି ମୋବାଇଲ୍ ଫୋନ୍ ଏବଂ ୬ଟି ଖାଲି ବିୟର ବୋତଲ ଜବତ କରାଯାଇଛି। ଏ ନେଇ ସୋମବାର ମଧ୍ୟାହ୍ନ ସାଢେ ୧୨ଟାରେ ବନ୍ଧମୁଣ୍ଡା ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ସୂଚନା ପ୍ରଦାନ କରିଛନ୍ତି।

ଅତିରିକ୍ତ ଏସ୍‌ପି ମିଶ୍ର ସୂଚନା ଦେଇ କହିଲେ, ରବିବାର ବିଳମ୍ବିତ ରାତିରେ ବନ୍ଧମୁଣ୍ଡା ମଶାଣି ନିକଟସ୍ଥ ପ୍ରେମନଗର ଖେଳପଡ଼ିଆରେ ଅଭିଯୁକ୍ତମାନେ ସଶସ୍ତ୍ର ଡକାୟତିପାଇଁ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ସୂଚନା ପାଇ ବନ୍ଧମୁଣ୍ଡା ଥାନାଧିକାରୀ ଶ୍ରୀକାନ୍ତ ଖମାରୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ଚଢାଉ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବେଆଇନ ଅସ୍ତ୍ରଶସ୍ତ୍ର ଜବତ କରିଥିଲା। ଡକାୟତ ଗ୍ୟାଙ୍ଗ୍‌ର ମୁଖ୍ୟ ବିଟୁ ଚୋରି, ଡକାୟତି, ହତ୍ୟା, ଆକ୍ରମଣ ଏବଂ ମହିଳା ବିରୋଧୀ ଅପରାଧ ସମେତ ମୋଟ ୩୪ରୁ ଅଧିକ ମାମଲାରେ ଜଡ଼ିତ ଅଛନ୍ତି। ସେହିପରି ପୂର୍ବରୁ ଅଂଶୁଙ୍କ ନାଁରେ ବ୍ରାହ୍ମଣୀତରଙ୍ଗ ଥାନାରେ ଗୋଟିଏ, ଅଜୟଙ୍କ ନାଁରେ ବନ୍ଧମୁଣ୍ଡା ଥାନାରେ ୨ଟି, ଅତନୁଙ୍କ ନାଁରେ ବିସ୍ରା ଥାନାରେ ଗୋଟିଏ ଆପରାଧିକ ମାମଲା ରହିଛି। ଏହି ଡକାୟତ ଗ୍ୟାଙ୍ଗ୍‌ର ସଦସ୍ୟମାନେ ଝାଡ଼ଖଣ୍ଡ ଏବଂ ବିହାରରୁ ବେଆଇନ ଅସ୍ତ୍ରଶସ୍ତ୍ର କିଣି ବନ୍ଧମୁଣ୍ଡା ଏବଂ ରାଉରକେଲା ଅଞ୍ଚଳକୁ ଚୋରାଚାଲାଣ କରୁଥିଲେ। ଦୀର୍ଘଦିନ ଧରି ଅଞ୍ଚଳରେ ସକ୍ରିୟ ରହି ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଥିଲେ। ଏହି ଚଢ଼ାଉରେ ଏସ୍‌ଆଇ ମନୋଜ ବାରା, ସିଦ୍ଧାର୍ଥ ପ୍ରଧାନ, ଅର୍ଜୁନ ସେଠୀ, ଏଏସଆଇ ରତ୍ନାକର ମୁଣ୍ଡା ପ୍ରମୁଖ ସାମିଲ ଥିଲେ। ଖବରଦାତା ସମ୍ମିଳନୀରେ ଡିଏସ୍‌ପି ଅମରେନ୍ଦ୍ର ଷଣ୍ଢ ଉପସ୍ଥିତ ଥିଲେ।

## BUSINESS

# ଦୁଇଚକିଆ ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି

**୨୦୨୫-୨୬ ଆର୍ଥିକବର୍ଷରେ ୪ରୁ ୭% ବୃଦ୍ଧି ଆକଳନ**

ନୂଆଦିଲ୍ଲୀ,୨।୬:



